ଓଡ଼ିଶାର ଶ୍ରେଷ୍ଠ ଆଦିବାସୀ ଲୋକକଥା

ଶ୍ରୀ ରଘୁନାଥ ରାଉତ



Digitized by srujanika@gmail.com

ଓଡ଼ିଶାର ଶ୍ରେଷ୍ଠ

ଆଦିବାସୀ ଲୋକକଥା

(ପ୍ରଥମ ଭାଗ)

ଶ୍ରୀ ରଘୁନାଥ ରାଉତ
ସଭାପତି, ଓଡ଼ିଶା ଶିଶୁସାହିତ୍ୟ ପରିଷଦ

ଫ୍ରେଣ୍ଡସ୍ ପବ୍ଲିଶର୍ସ
ପୁସ୍ତକ ପ୍ରକାଶକ ଓ ବିକ୍ରେତା
ବିନୋଦ ବିହାରୀ, କଟକ-୨

Digitized by srujanika@gmail.com

ଓଡ଼ିଶାର ଶ୍ରେଷ୍ଠ

ଆଦିବାସୀ ଲୋକକଥା

ଲେଖକ :

ଶ୍ରୀ ରଘୁନାଥ ରାଉତ

ପ୍ରକାଶକ :

ସହଦେବ ପ୍ରଧାନ

ଫ୍ରେଣ୍ଡସ୍ ପବ୍ଲିଶର୍ସ

ବିନୋଦବିହାରୀ, କଟକ-୭୫୩୦୦୨

ପ୍ରଥମ ସଂସ୍କରଣ : ୧୯୯୧

ପ୍ରଚ୍ଛଦ :

ଅସିତ୍ ମୁଖାର୍ଜୀ

ମୁଦ୍ରଣ :

ନନ୍ଦକିଶୋର ପ୍ରେସ୍

ଡଗରପଡ଼ା, କଟକ-୨

ମୂଲ୍ୟ : ଟ ୧୦-୦୦

Digitized by srujanika@gmail.com

ପଦେକଥା

ଆମ ରାଜ୍ୟର ଅଧିକାଂଶ ପାହାଡ଼ ପର୍ବତ ଇଲାକାରେ ଆଦିବାସୀ ସମ୍ପ୍ରଦାୟର ଲୋକେ ଦେଖାଯାଆନ୍ତି, ଯେଉଁମାନେ ଆଧୁନିକତାଠାରୁ ବହୁ ଦୂରରେ । ସେମାନେ ପ୍ରକୃତି ସଙ୍ଗେ ତାଳଦେଇ ସେମାନଙ୍କର ନିଷ୍ପୃହ ଓ ସରଳ ଜୀବନକୁ ଖୁବ୍ ଉପଭୋଗ କରନ୍ତି । ପୂଜାପର୍ବରେ ମଧ୍ୟ ସେମାନେ ତାଙ୍କର ଆରାଧ୍ୟ ଦେବତାଙ୍କୁ ମନପ୍ରାଣ ଢାଳି ପୂଜା କରନ୍ତି, ଗୀତ ଗାଆନ୍ତି, ନାଚନ୍ତି ମଧ୍ୟ । ସେମାନଙ୍କର ଲୋକକଥା ଆମର ଲୋକକଥାରୁ ଭିନ୍ନ ନ ହେଲେ ମଧ୍ୟ କିଛି କିଛି ଅଲଗା ଲାଗେ । ସେମାନଙ୍କର ଦେବତା, ସେମାନଙ୍କର ପ୍ରକୃତି ଓ ଜୀବନ ପ୍ରଣାଳୀ ଉପରେ ପ୍ରଚଳିତ ଲୋକକଥା ନିଶ୍ଚିତ କୋମଳମତି ଶିଶୁଙ୍କ ପାଇଁ ସୁଖ ପାଠ୍ୟ ହେବ ବୋଲି ଆଶାକରେ । ଶେଷରେ ଫ୍ରେଣ୍ଡ୍ସ୍ ପବ୍ଲିଶର୍ସର ସ୍ୱତ୍ୱାଧିକାରୀ ଏହି ପୁସ୍ତକ ପ୍ରକାଶ କରିଥିବାରୁ ମୁଁ ତାଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।

ରଘୁନାଥ ରାଉତ

BHUBANESWAR

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
୧ । ଝୁଡରୁ ଝାଡର ବର୍ଷାପାଣି ମୟୂର ନାଚେ ଛାଧିନ ଧିନ ଆଦିବାସୀ ଲୋକକଥା	୧
୨ । ଦଣ୍ଡବିଧାନ [କନ୍ଧ ସମ୍ପ୍ରଦାୟ] ଦକ୍ଷିଣ ଓଡ଼ିଶାର ଲୋକକଥା	୮
୩ । ମଣିଷର ଦୁଃଖ କାହିଁକି ? ଉତ୍ତର ଓଡ଼ିଶାର ଲୋକକଥା	୧୭
୪ । ଜଦୟୁକାଳର ବାଉଁଶବନ ଆଦିବାସୀ ଲୋକକଥା	୨୩
୫ । ମଞ୍ଜି ଟିଏ ଗଜାହୁଏ କେମିତି ? ପଶ୍ଚିମ ଓଡ଼ିଶାର ଲୋକକଥା	୨୯
୬ । ମମତାର ନଈ	୩୬
୭ । ମଣିଷ ହେବାଠାରୁ ଭାଲୁହେବା ଭଲ ଶବର ଲୋକକଥା	୪୧
୮ । ଖଣ୍ଡାଧାରରୁ ହୀରାଖଣ୍ଡ ଯାଏ ଉତ୍ତର ଓଡ଼ିଶାର ଲୋକକଥା	୪୮

Digitized by srujanika@gmail.com

ଝୁପୁରୁ ଝାପର ବର୍ଷାପାଣି...
ମୟୂରୀ ନାଚେ ତାଧିନି ଧିନି

ବରଷା ରାଣୀର ଗୋଟିଏ ସୁନା ଚକ୍‌ମିକ୍ ଝିଅ ଥିଲା । ତା' ନାଆଁ ମୟୂରୀ ।

ମୟୂରୀକୁ ଝିଅ ନ କହି ମାଳପରୀଟିଏ କହିଲେ ଆହୁରି ଭଲ ହେବ । କାରଣ ତା'ର ଇନ୍ଦ୍ରଧନୁ ରଙ୍ଗର ଦୁଇଟି ଡେଣା ଥିଲା । ଦେହର ରଙ୍ଗ ଥିଲା ଠିକ୍ ପଦ୍ମକେଶର ପରି କଅଁଳ ଏବଂ ନରମ । ଆଉ ଆଖି ଦୁଇଟି ଥିଲା ଦରିଆ ମଝିର ଗଭୀର ଜଳପରି ଗାଢ଼ନୀଳ । ତା' ଦେହର ରଙ୍ଗ ରୋଶଣିରେ ସମସ୍ତଙ୍କର ଝଲସି ଯାଉଥିଲା ଆଖି । ଖାଲି ତ ତା'ର ରୂପଟି ସୁନ୍ଦର ନ ଥିଲା, ରୂପକୁ ବଳିକି ଗୁଣ ମଧ୍ୟ ତା'ର ସୁନ୍ଦର ଥିଲା । ସେ ପ୍ରତିଦିନ ଚନ୍ଦ୍ର ପାଖରେ ବସି ସୁନ୍ଦର ସୁନ୍ଦର କଳାମେଘୀ ପାଟ ସବୁ ବୁଣିପାରୁଥିଲା । ସେ ଜରି କାମକରା ପାଟସାର ଝଲମଲ କରୁଥିଲା ରୂପାର ଜହ୍ନ ଏବଂ ସୁନାଜରିର ତାରାସବୁ । ଏଥିପାଇଁ ସରଗ ରାଇଜରେ ମୟୂରୀକୁ ସମସ୍ତେ ପ୍ରଶଂସା କରୁଥିଲେ, ଆଦର କରୁଥିଲେ । ବରଷାରାଣୀଙ୍କର ସେ ଥିଲା ସବୁଠୁଁ ଗେହ୍ଲାଝିଅ । ନୟନତାରା...ଦୁଃଖ-ପାଶୋରା...ମାଣିକଝରା...

ମୟୂରୀର ଆଉ ଗୋଟିଏ ଭଉଣୀ ଥିଲା— 'ତା' ନାଆଁ ଲୁଚଙ୍କା । ସେ ଦେଖିବାକୁ ମୟୂରୀ ପରି ଏତେ ସୁନ୍ଦରୀ ନ ଥିଲା କି ତା' ଠେଇଁ ଏତେ ଗୁଣ ନ ଥିଲା । ସେଥିପାଇଁ ମୟୂରୀକୁ ସମସ୍ତେ ପ୍ରଶଂସା କଲାବେଳେ ସେ ଈର୍ଷାରେ ଜଳି ଯାଉଥାଏ । ମନେମନେ ଭାବୁଥାଏ ଏ ମୟୂରୀଟା ସ୍ୱର୍ଗପୁରରୁ କୁଆଡ଼େ ଲୁଚିଯାଆନ୍ତା କି ଭାରି ଭଲହୁଅନ୍ତା...

Digitized by srujanika@gmail.com

ଦିନକର କଥା । ସୁନାରୁପାର ଘୁଙ୍ଗୁଡ଼ିରେ ଝଲମଲ କରୁଥିବା ଗୋଟିଏ ରଥରେ ବସି ମୟୂରୀ ଖେଳୁଛି—ଏଇ ସମୟରେ ବୃତିକା ଆସି ପହଞ୍ଚିଲା । ତାକୁ ଦେଖି ମୟୂରୀ କହିଲା—"ତୁ ଏତେଦିନ ହେଲା ସ୍ୱର୍ଗରେ ତ ତାହିଁକି ଦେଖା ନଥିଲୁ ? କୁଆଡ଼େ ଯାଇଥିଲୁ କି ?"

ବୃତିକା ତା' ଫୁଲମଲା ରୁମାଲରେ ମୁହଁଟାକୁ ପୋଛି ପକେଇ କହିଲା – "ମ···ଯିବି ଆଉ କୁଆଡ଼େ ? ଯାଇଥିଲି ଟିକେ ପୃଥିବୀ ବୁଲି ଦେଖିବାକୁ ।"

—"ତୁ ବଡ଼ ଭାଗ୍ୟବତୀ । ମୁଁ ପୃଥିବୀ ବିଷୟରେ ଅନେକ କଥା ଶୁଣିଛି; କିନ୍ତୁ ଦେଖିନାହିଁ । ତୁ କ'ଣ ସବୁ ସେଠି ଦେଖିଲୁ ମତେ କହିଲୁ ?" ପଚାରିଲା ମୟୂରୀ ।

ବୃତିକା କହିଲା—"ମୁଁ ଦେଖିଲି ପୃଥିବୀଟା ଖୁବ୍ ସୁନ୍ଦର । ଏ ସ୍ୱର୍ଗଠାରୁ ମଧ୍ୟ । ଏଠି ତ ପାରିଜାତ ବୋଲି ଗୋଟିଏ ରକମର ଫୁଲ ଫୁଟେ । ତା'ର ସବୁଦିନେ ସେଇ ଏକା ରଙ୍ଗ ଏକା ମହକ । ମଉଳେ ନାହିଁ କି ତା' ସ୍ଥାନରେ ନୂଆ କଢ଼ି ହୁଏ ନାହିଁ; କିନ୍ତୁ ପୃଥିବୀରେ···!! ଆଃ···ଅସଂଖ୍ୟ ଅସଂଖ୍ୟ ଫୁଲ । ନିତି ଫୁଟେ ନିତି ଝରେ । ବିଭିନ୍ନ ରଙ୍ଗର ଫୁଲର ମହକରେ ତୁ' ବାଟବଣା ହୋଇଯିବୁ । ଫୁଲ ଯେମିତି ସୁନ୍ଦର ଫଳ ସେମିତି ରସୁଆଳ । ଥରେ ଚାଖିଲେ ନା ସେ ଫଳ ଖାଇବାକୁ ତୁ ଶହେଥର ଖୋଜିବୁ ।"

—"ବାଃ ସେ ପୃଥିବୀ ତ ଖୁବ୍ ସୁନ୍ଦର । ସେଠାକାର ଫୁଲଫଳ ସମ୍ପର୍କରେ କହିଲୁ । ଏଥର ସେଠାକାର ସୁଖଦୁଃଖ, ହସକାନ୍ଦ, ଲୋକଙ୍କ ସମ୍ପର୍କରେ କିଛି କହ ?" ମୟୂରୀ ପ୍ରଶ୍ନ କଲା ।

ବୃତିକା ଉତ୍ତର ଦେଲା—"ସ୍ୱର୍ଗରେ ଯେଉଁମାନେ ରହୁଛନ୍ତି ସେମାନେ ସିନା ନିଜକୁ ସବୁଠୁଁ ବଡ଼ ବୋଲି ଭାବନ୍ତି; କିନ୍ତୁ ସବୁଠୁଁ ଶ୍ରେଷ୍ଠ କାମ କରନ୍ତି ସେମାନେ । ତାଙ୍କପରି ବିଶ୍ୱକର୍ମା ଅଳସୁଆ କେଉଁଠି ଆଉ

Digitized by srujanika@gmail.com

ନ ଥିବେ । କିଛି କାମ ନାହିଁ ଧନ୍ଦା ନାହିଁ ବସି ବସିବସି ଖାଲି ଅମୃତ ଗିଳିବାରେ ଲାଗିଛନ୍ତି । ସବୁବେଳେ ଖାଲି ସୋମରସ ପାନକରି ନାଚ-ଗୀତରେ ମସ୍‌ଗୁଲ୍ । ସେଇ ଏକା ଚଳଣି ଏକା କଥା । ଦେଖିଦେଖି ବଡ଼ ବ୍ୟସ୍ତ ଲାଗୁଛି; କିନ୍ତୁ ପୃଥିବୀରେ ସେକଥା ନାହିଁ । ସେଠି ସୁଖ ଅଛି, ଦୁଃଖ ଅଛି । ଭାବ ଅଛି, ଅଭାବ ମଧ୍ୟ ଅଛି । ହସ ଅଛି, ତା' ପାଖେ ପାଖେ କାନ୍ଦ ମଧ୍ୟ ରହିଛି । ସେଠାରେ ଜଣଜଣଙ୍କର ଏମିତି ତ୍ୟାଗ ଏମିତି ସାଧନା ଅଛି -ଦେଖିଲେ ମନେହେବ ସେ ତୁଳନାରେ ଏ ସ୍ୱର୍ଗ ଯେମିତି କିଛି ନୁହେଁ । ଏଠାରେ ଯେଉଁ ଆନନ୍ଦ ସେଥିରେ ମଳିନତା ଅଛି ବିବଶତା ଅଛି—କିନ୍ତୁ ସେଠାରେ ଯେଉଁ ଆନନ୍ଦ ତାହା ଚିରନ୍ତନ । ସେଠାରେ ପ୍ରାଣୀମାନେ ଯେଉଁ ଦୁଃଖ-କଷ୍ଟ ଯନ୍ତ୍ରଣା ସବୁ ପାଆନ୍ତି, ସେ ସବୁ ତାଙ୍କ ନିଜ ସୃଷ୍ଟି ।

—"ତୋ' କଥା ଶୁଣି ମୋର ସେ ପୃଥିବୀ ବୁଲି ଦେଖିବାକୁ ଖୁବ୍ ଇଚ୍ଛା ହେଉଛି ଗୃତକ୍ଷି ?"

—"ମୁଁ ତ ସେଇକଥା କହିବା ପାଇଁ ଆସିଥିଲି । ଚାଲନ୍ତୁ ସାଙ୍ଗ-ହୋଇ ପୁଣି ଦୁହେଁ ବୁଲି ଆସିବା । କ'ଣ ଭାବୁଛୁ ?"

—"ଅଚ୍ଛା ତୁ ରହ ମୁଁ ଟିକେ ମାଆଙ୍କୁ ପଚାରେ । ମୋର ତେଣେ କେତେଗୁଡ଼ିଏ ମେଘଡମ୍ବରୁ ପାଟରେ ଫୁଲପକେଇବାକୁ ଅଛି — କିଏ ଜାଣେ ମାଆ ଛାଡ଼ିବେ କି ନାହିଁ ?"

ରଥରୁ ଓହ୍ଲେଇ ମୟୂର ଏଥର ସୁନାକଣ୍ଢେଇଟି ପରି ଚଳିଚଳି ମାଆଙ୍କ ପାଖକୁ ଚାଲିଲା ।

ସବୁ ଶୁଣି ବରଷାରାଣୀ କହିଲେ—"ଦୂରରୁ ତତେ ସିନା ପୃଥିବୀଟା ସୁନ୍ଦର ଦିଶୁଛି; କିନ୍ତୁ ଜାଣୁ ସେ ପୃଥିବୀଟା ଯେତିକି ଭଲ ସେତିକି ଖରାପ । ସେଠାରେ କାମନା, ବାସନା, ଲୋଭ, ପାପ ଭଳି କେତେକ ନିଷିଦ୍ଧ ଫଳ ଅଛି—ଯାହାକୁ ଖାଇଲେ ତୁ ବିପଦରେ ପଡ଼ିଯିବୁ । ନିଜେ ନିଜର ଦୁଃଖକୁ ବରଣ କରି ଆଣିବୁ ।"

Digitized by srujanika@gmail.com

ମୟୂଷୀ ମାଆର କଳାମେଘୀ ପଣତରେ ମୁହଁ ଲୁଚେଇ ଗେହ୍ଲେଇ ହୋଇ କହିଲା—"ମୋ ସାଥିରେ ବୃତକା ପରା ଯାଉଛି ମାଆ, କେଉଁ ଫଳ ଭଲ କେଉଁ ଫଳ ମନ୍ଦ, ସେ ମୋତେ ଚିହ୍ନେଇ ଦେବନି ଯେ ତୁ ଏତେ ଡରୁଛୁ ?"

ବରଷାରାଣୀ ଗେହ୍ଲା ଝିଅର ମନ ଆଉ ଭାଙ୍ଗି ପାରିଲେନି । ସେ ସୁନ୍ଦର ସୁନ୍ଦର କଳାମେଘୀ ପାଟ ଏବଂ ଗହଣାସବୁ ଦେଇ ମୟୂଷୀକ ସଜ କରିଦେଲେ । ସେ ଶାଢ଼ି ଗହଣା ପିନ୍ଧି ମୟୂଷୀର ଝଳକମଳ ପରି ଚେହେରା ଆହୁରି ଝଲସି ଉଠିଲା ।

ମାଆଙ୍କଠାରୁ ବିଦାୟ ନେଇ ମୟୂଷୀ ଏବଂ ବୃତକା ଏବେ ଦୁଇଟି ପକ୍ଷୀହୋଇ ପୃଥିବୀକୁ ଆସିଲେ । ଗେଲବସରିଆ ଝିଅକୁ ବିଦାୟ ଦେଇ ବରଷାରାଣୀଙ୍କୁ କିଛି ଭଲ ଲାଗିଲାନି । ସେ ଅନୁଭବ କଲେ ତାଙ୍କର ହୃଦୟଟା ଯେମିତି ମହାଶୂନ୍ୟରେ ମୟୂଷୀ ସାଥିରେ ଚାଲିଯାଉଛି ।

ଏଣେ ମୟୂଷୀ ଆସି ପୃଥିବୀର ନଦୀ, ଝରଣା, ପାହାଡ଼, ପର୍ବତ ଦେଖି ଆନନ୍ଦରେ ଅଧୀର ହୋଇ ଉଠିଲା । ସୁନେଲି ପ୍ରଜାପତିଟି ପରି ଡେଣା ଝାଡ଼ି ଝାଡ଼ି ଘାସର ଗାଲିଚା ଉପରେ କେତେ ନାଚିଲା କେତେ ଖେଳିଲା କେତେ ଗୀତ ଗାଇଲା···

ବୃତକା ମନରେ ତ ମୟୂଷୀର ଅନିଷ୍ଟ ଚିନ୍ତା ବସା ବାନ୍ଧିଥାଏ । ସେ ବାଟ ଖୋଜୁଥାଏ କେମିତି ମୟୂଷୀର ସ୍ୱର୍ଗକୁ ଯିବା ରାସ୍ତାଟା ବନ୍ଦ ହୋଇଯାଆନ୍ତା । ଦିନେ ସେ ସୁଯୋଗ ତାକୁ ମିଳିଲା । ଯେଉଁ ଫଳକୁ ସ୍ୱର୍ଗର ପକ୍ଷୀ କନ୍ୟା ଦେବତା କେବେ ଖାଆନ୍ତି ନାହିଁ ସେହିଭଳି ଏକ ଫଳ ଆଣି ସେ ମୟୂଷୀକୁ ଖାଇବାକୁ ଦେଲା ।

ମୟୂଷୀ ତ ଏବେ ଛନ୍ଦମନ୍ଦ ଭିତରେ ପଶିଲା । ଖାଇଦେଲା ସେ ନିଷିଦ୍ଧ ଫଳକୁ···

ତାପରେ ସେମାନେ ଯେତେବେଳେ ସ୍ୱର୍ଗକୁ ଯିବାପାଇଁ ବାହାରିଲେ ବୃତକା ଉଡ଼ିଗଲା ସତ; କିନ୍ତୁ ମୟୂଷୀ ଆଉ ଉଡ଼ିପାରି

Digitized by srujanika@gmail.com

ପାରିଲାନି । ଅଳ୍ପବାଟ ଯାଏ ଉଡ଼ି ସେ ତଳକୁ ଖସିପଡ଼ିଲା । ଏଥର ସେ ଚାତକୀର ସବୁ ଚାଲାକି ବୁଝିପାରିଲା । ନିଜେ ତ ଅର୍ଜିଛି—କାହାକୁ କହିବ ଏ ଦୁଃଖ । ଭାଗ୍ୟକୁ ଆଦରି ସେ ସେଇ ଦିନଠୁଁ ପୃଥିବୀରେ ରହିଲା ।



[ମୟୂରୀକୁ ପୃଥିବୀରେ ଛାଡ଼ି ଚାତକୀ ଉଡ଼ିଯାଉଛି]

ତେଣେ ଚାତକୀ ଯାଇ ସ୍ୱର୍ଗରେ ପହଞ୍ଚିଲା । ବର୍ଷାରାଣୀ ଆଗରୁ ଲୁହ ଗଡ଼େଇ ବାଟଚାହିଁ ବସିଥିଲେ । ଚାତକୀକୁ ପଚାରିଲେ—"ତୁ ତ ଆସିଲୁ ସ୍ୱର୍ଗକୁ···ମୟୂରୀ କାହିଁ ?"

Digitized by srujanika@gmail.com

ମୟୂରୀ ମାଆର କଳାମେଘୀ ପଣତରେ ମୁହଁ ଲୁଚେଇ ଗେହ୍ଲେଇ ହୋଇ କହିଲା — "ମୋ ସାଥିରେ ଗୃଡ଼କା ପର ଯାଉଛି ମାଆ, କେଉଁ ଫଳ ଭଲ କେଉଁ ଫଳ ମନ୍ଦ, ସେ ମୋତେ ଚହ୍ନେଇ ଦେବନି ଯେ ତୁ ଏତେ ଡରୁଛୁ ?"

ବରଷାରାଣୀ ଗେହ୍ଲା ଝିଅର ମନ ଆଉ ଭାଙ୍ଗି ପାରିଲେନି । ସେ ସୁନ୍ଦର ସୁନ୍ଦର କଳାମେଘୀ ପାଟ ଏବଂ ଗହଣାସବୁ ଦେଇ ମୟୂରୀକି ସଜ କରିଦେଲେ । ସେ ଶାଢ଼ି ଗହଣା ପିନ୍ଧି ମୟୂରୀର ଝଲକମଲ ପରି ଚେହେରା ଆହୁରି ଝଲସି ଉଠିଲା ।

ମାଆଙ୍କଠାରୁ ବିଦାୟ ନେଇ ମୟୂରୀ ଏବଂ ଗୃଡ଼କା ଏବେ ଦୁଇଟି ପକ୍ଷୀହୋଇ ପୃଥିବୀକୁ ଆସିଲେ । ଗେଲବସରିଆ ଝିଅକୁ ବିଦାୟ ଦେଇ ବରଷାରାଣୀଙ୍କୁ କିଛି ଭଲ ଲାଗିଲାନି । ସେ ଅନୁଭବ କଲେ ତାଙ୍କର ହୃଦୟଟା ଯେମିତି ମହାଶୂନ୍ୟରେ ମୟୂରୀ ସାଥିରେ ଚାଲିଯାଉଛି ।

ଏଣେ ମୟୂରୀ ଆସି ପୃଥିବୀର ନଦୀ, ଝରଣା, ପାହାଡ଼, ପର୍ବତ ଦେଖି ଆନନ୍ଦରେ ଅଧୀର ହୋଇ ଉଠିଲା । ସୁନେଲି ପ୍ରଜାପତିଟି ପରି ଡେଣା ଝାଡ଼ି ଝାଡ଼ି ଘାସର ଗାଲିଚା ଉପରେ କେତେ ନାଚିଲା କେତେ ଖେଳିଲା କେତେ ଗୀତ ଗାଇଲା···

ଗୃଡ଼କା ମନରେ ତ ମୟୂରୀର ଅନିଷ୍ଟ ଚିନ୍ତା ବସା ବାନ୍ଧିଥାଏ । ସେ ବାଟ ଖୋଜୁଥାଏ କେମିତି ମୟୂରୀର ସ୍ୱର୍ଗକୁ ଯିବା ରାସ୍ତାଟା ବନ୍ଦ ହୋଇଯାଆନ୍ତା । ଦିନେ ସେ ସୁଯୋଗ ତାକୁ ମିଳିଲା । ଯେଉଁ ଫଳକୁ ସ୍ୱର୍ଗର ପରୀ କନ୍ୟା ଦେବତା କେହିବି ଖାଆନ୍ତି ନାହିଁ ସେହିଭଳି ଏକ ଫଳ ଆଣି ସେ ମୟୂରୀକି ଖାଇବାକୁ ଦେଲା ।

ମୟୂରୀ ତ ଏବେ ଛନ୍ଦମନ୍ଦ ଭିତରେ ପଶିନି । ଖାଇଦେଲା ସେ ନିଷିଦ୍ଧ ଫଳକୁ···

ତାପରେ ସେମାନେ ଯେତେବେଳେ ସ୍ୱର୍ଗକୁ ଯିବାପାଇଁ ବାହାରିଲେ ଗୃଡ଼କା ଉଡ଼ିଗଲା ସତ; କିନ୍ତୁ ମୟୂରୀ ଆଉ ଉଡ଼ିଯାଇ

Digitized by srujanika@gmail.com

ପାରିଲନି । ଅଳ୍ପବାଟ ଯାଏ ଉଠି ସେ ତଳକୁ ଖସିପଡ଼ିଲା । ଏଥର ସେ ଚାତକୀର ସବୁ ଚାଲାକି ବୁଝିପାରିଲା । ନିଜେ ତ ଅର୍ଜିଛି—କାହାକୁ କହିବ ଏ ଦୁଃଖ । ଭାଗ୍ୟକୁ ଆଦରି ସେ ସେଇ ଦିନଠୁଁ ପୃଥିବୀରେ ରହିଲା ।

[ମୟୂରୀକୁ ପୃଥିବୀରେ ଛାଡ଼ି ଚାତକୀ ଉଡ଼ିଯାଉଛି]

ତେଣେ ଚାତକୀ ଯାଇ ସ୍ୱର୍ଗରେ ପହଞ୍ଚିଲା । ବର୍ଷାରାଣୀ ଆଖିରୁ ଲୁହ ଗଡ଼େଇ ବାଟଚାହିଁ ବସିଥିଲେ । ଚାତକୀକୁ ପଚାରିଲେ—"ତୁ ତ ଆସିଲୁ ସ୍ୱର୍ଗକୁ···ମୟୂରୀ କାହିଁ ?"

Digitized by srujanika@gmail.com

ସୁତଙ୍କା କିଛି ନଜାଣିଲା ପରି କହିଲା—"ମୋତେ କାହିଁକି ନେଉଛ, ଯାଉନୁ ତୋର ସେଇ ଗୁଣବନ୍ତ ଝିଅକୁ ପଠାଇବୁ । ମୁଁ ତାକୁ ଏତେକରି ବୁଝେଇଲି, ସେ ମୋ କଥା ଟିକେହେଲେ କାନକୁ ନେଲା ! ଓଲଟି କହିଲା, ମୋତେ ଏ ପୃଥିବୀଟା ଖୁବ୍ ଭଲଲାଗୁଛି । ଏମିତକା ସୁନ୍ଦର ପୃଥିବୀକୁ ଛାଡ଼ି ମୁଁ ଆଦୌ ସ୍ୱର୍ଗକୁ ଯିବନି ।"

ବର୍ଷାରାଣୀଙ୍କୁ ତ ସବୁକଥା ଜଣା । ଘଟଣାଟା କ'ଣ ହୋଇପାରେ, ସେ ସଙ୍ଗେ ସଙ୍ଗେ ଅନ୍ଦାଜ କରିନେଲେ । ସୁତଙ୍କାକୁ ଅଭିଶାପ ଦେଇ କହିଲେ—ତା' ପାଇଁ ଯଦି ଏ ସ୍ୱର୍ଗରେ ଆଉ ସ୍ଥାନ ନାହିଁ —ତୋ' ପାଇଁ ମଧ୍ୟ ସ୍ଥାନ ନାହିଁ । ତୁ ମଧ୍ୟ ଏଇ ମୁହୂର୍ତ୍ତରେ ପୃଥିବୀରେ ଖସିପଡ଼ । ପାଣିଟୋପେ ବିନା ନାନା ଦୁଃଖ ଯନ୍ତ୍ରଣାରେ ତୋର ଜୀବନ ବିତୁ; କିନ୍ତୁ ମୟୂରୀ ଜୀବନ ମୋର ଫୁଲ ଫଳରେ ଭରିଥାଉ । ସେ ସବୁରି ସ୍ନେହ ମମତାର ମୁକୁଟ ପିନ୍ଧି ସୁଖ ଏବଂ ଶାନ୍ତିରେ ରହୁ । ସ୍ୱର୍ଗପରି ପୃଥିବୀରେ ମଧ୍ୟ ସମସ୍ତେ ତାକୁ ଆଦର କରନ୍ତୁ ।

ମାଆଙ୍କ ପାଟିରୁ କଥା ସରିଛି କି ନାହିଁ— ସୁତଙ୍କା ସଙ୍ଗେ ସଙ୍ଗେ ପକ୍ଷୀଟିଏ ହୋଇ ପୃଥିବୀରେ ଖସିପଡ଼ିଲା ।

ସେହି ଦିନଠାରୁ ମୟୂରୀ ଏବଂ ସୁତଙ୍କା ପୃଥିବୀର ଦୁଇଟି ପକ୍ଷୀ ହୋଇ ରହିଛନ୍ତି । ମୟୂରୀ ସୁଖଶାନ୍ତିରେ ରହିଥିଲାବେଳେ ସୁତଙ୍କାର ଜୀବନ ବଡ଼ ଦୁଃଖରେ ବିତୁଛି । ନଦୀ, ସମୁଦ୍ର, ହ୍ରଦ, ପୁଷ୍କରିଣୀ ସବୁ ଜଳ ଭରି ରହିଥିଲେ ବି ସେ ପାଣି ଟୋପେ ପାଇଁ ସେମିତି ବର୍ଷାରାଣୀଙ୍କର ଦୟାକୁ ଚାହିଁ ରହିଛି ।

ମୟୂରୀକୁ ଭୁଲି ନ ପାରି ଏବେ ବି କାନ୍ଦନ୍ତି ବର୍ଷାରାଣୀ । ତାଙ୍କ ଆଖିରୁ ଟପ୍ ଟପ୍ ହୋଇ ଲୁହସବୁ ଝରିପଡ଼େ ।

ଆଉ ଛନ୍ଦମୟୀ ରୂପସୀ ମୟୂରୀ ଯେବେ ନୀଳଆକାଶରେ ମା'ଙ୍କୁ ଦେଖେ···ଆନନ୍ଦରେ ଆତ୍ମହରା ହୋଇଯାଏ । ପ୍ରାଣ ତା'ର ମଉଜିଆଲା ହୋଇ ଉଠେ—ସେ ଆରମ୍ଭ କରିଦିଏ ଝିମ୍ ଝିମ୍ ଉଦ୍ଦାମ ନୃତ୍ୟ !

Digitized by srujanika@gmail.com

ଝୁମୁରୁ ଝାପର ବର୍ଷାବେଳେ ତା'ର ନୂପର ପିନ୍ଧା ନୃତ୍ୟ କାହାକୁ ଭଲ ନ ଲାଗେ କହିଲ ?

ଟିପ୍ପଣୀ

ଆଣ୍ଡରସନ୍‌ଙ୍କ ପୃଥିବୀ ବିଖ୍ୟାତ ପରୀ କାହାଣୀ ସାଥିରେ ଅପାଠୁଆ ଆଦିବାସୀମାନଙ୍କର ଏ ମନଗଢ଼ା ପରୀ କାହାଣୀ କୁ ତୁଳନା କଲେ— ଏସବୁ କାହାଣୀ ଅଧିକ ମନଛୁଆଁ ଲାଗେ । ପ୍ରକୃତି ହେଉଛି ତାଙ୍କର ମା' । ପ୍ରକୃତି କୋଳରେ ସେମାନେ ବଢ଼ନ୍ତି । ତାଙ୍କ ଗଳ୍ପର ପାହାଡ଼ୀ ପାହାଡ଼ ପର୍ବତ, ଝରଣା, ନଦୀ, ବୃକ୍ଷଲତା, ପଶୁପକ୍ଷୀ ଏବଂ ମେଘ ଆଦି । ସେମାନଙ୍କୁ ନେଇ କଳ୍ପନାର ରଙ୍ଗଦେଇ ସେ ଏମିତି କାହାଣୀ ସୃଷ୍ଟି କରିଛନ୍ତି ଯାହାର ତୁଳନା ମଧ୍ୟ ନାହିଁ ।

ମୟୂରର ଚନ୍ଦ୍ରିକା ଥିଲା ଭଗବାନ ଶ୍ରୀକୃଷ୍ଣଙ୍କର ଅତିପ୍ରିୟ । ସେ ତାକୁ ସଦାବେଳେ ମଥାରେ ଖୋସି ବୁଲୁଥିଲେ । ତା'ର ରୂପ ଏବଂ ଗୁଣକୁ ନେଇ ସେ ଆଜି 'ଜାତୀୟ ପକ୍ଷୀ'ର ସମ୍ମାନ ଲାଭ କରିଛି । ଆମ ପାଖରେ ତେଣୁ ଏ ଗଳ୍ପର ଉପାଦେୟତା କାଲି ଥିଲା—ଆଜି ଅଛି—କାଳ-କାଳକୁ ମଧ୍ୟ ରହିବ ।

ଏଠାରେ ଆଉ ଗୋଟିଏ କଥା ସ୍ପଷ୍ଟ କରିଦେବାକୁ ଚାହେଁ— ସୁନାରେ ଖାଦ ନ ମିଶିଲେ ଉତ୍ତମ ଅଳଙ୍କାର ହୁଏନାହିଁ । ଶୁଣିବା କଥାକୁ ଗଳ୍ପ ଆକାରରେ ଲେଖିଲାବେଳେ ମୂଳ କଥାକୁ ଅକ୍ଷୁଣ୍ଣ ରଖି... ଲେଖକଙ୍କୁ ସ୍ଥଳ ବିଶେଷରେ କିଛି ଖାଦ ମିଶାଇବାକୁ ପଡ଼ୁଛି । ଗଳ୍ପଗୁଡ଼ିକୁ ସର୍ବାଙ୍ଗ ସୁନ୍ଦର କରିବାକୁ ଲେଖକ ଏ ଦୁଃସାହସ କରିଛନ୍ତି ।

Digitized by srujanika@gmail.com

ଦକ୍ଷିଣ ଓଡ଼ିଶାର ଲୋକକଥା (କନ୍ଧ ସମ୍ପ୍ରଦାୟ)

ଦଣ୍ଡ ବିଧାନ

ଖୁବ୍ ମୋଟା ଶାଳଗଛଟାଏ । ତାହାର ତଳେ ଜରନ୍ତଳୀ ଠାକୁରାଣୀଙ୍କ ଆସ୍ଥାନ ।

[ଠାକୁରାଣୀଙ୍କ ପାଦତଳେ କନ୍ଧବୁଢ଼ା ଅଧିଆ ପଡ଼ିଛି]

ଅଶିଣ ମାସ । ଦିନ ଦି'ପହର ହେବ । ବାମାକନ୍ଧ ଲମ୍ବହୋଇ ଠାକୁରାଣୀଙ୍କ ପାଦତଳେ ପଡ଼ିଛି—"ମାଆ, ମୁଁ ବଡ଼ ଜଡ଼ ନଆଣିଶି

Digitized by srujanika@gmail.com

ଜନଟିଏ । ପିଲାଦିନରୁ ବାପ ମା' ହାତ ଧରାଧରି ହୋଇ ସେପୁରକୁ ଚାଲିଗଲେ । ମୂଳପାଞ୍ଚ ଲାଗି କୌଣସି ପ୍ରକାରେ ଗୁଜୁରାଣ ମେଣ୍ଟାଉଥିଲା । ଏବେ ଆଉ କାମଧନ୍ଦାକୁ ପାରୁନ । ଚୁଲି ଅନାଳା ପଡୁଛି । ଲୋକ ଉପାସରେ ଦିନ କାଟୁଛି । ମୋତେ ସୁଦୟା କରନ୍ତୁ ମାଆ, ନ ହେଲେ ମୁଁ ପଣକରି ଆସିଛି ଏଇଠି ତୋର ପାଦତଳେ ଶୁଖି ଶୁଖି ମରିବି ପଛକେ ତୁ ମୋର ଦୁଃଖ ନ ଶୁଣିବା ଯାଏ ଏଠାରୁ ସୂତାଏ ସୁଦ୍ଧା ଘୁଞ୍ଚିବନି ।" ଗଣି ଗଣି ସାତମୁଣ୍ଡିଆ ପକେଇ ଖାମାକନ୍ଦ ଦୁଃଖ ଜଣେଇଲା ମାଆଙ୍କୁ ।

କନ୍ଧବୁଢାର ସେ ନଉଛାଳ ଦେଖି ନିଳନ୍ତୀ ଠାକୁରାଣୀଙ୍କର ତା' ଉପରେ ଦୟା ହେଲା । ଯେତେହେଲେ ତ ଖାମା ତାଙ୍କର ସନ୍ତାନ । ସେ ସ୍ୱପ୍ନାପ୍ରାପ୍ତ ତାକୁ ଦେଖାଦେଇ କହିଲେ—"ଆଉ ମନ ଉଣା କରନା ଖାମା, ତୋର ଦୁଃଖ ଏଥର ନିଶ୍ଚୟ ଦୂରହେବ । ତୁ ଏ ନାଉଭୁମ୍ବାଟି ନେ । ପ୍ବା'କୁ ଧରି ତୁ ଯୁଆଡେ ଯିବୁ ତୋର ଖାଇବା ପିଇବାରେ କଷ୍ଟ ଅଭାବ ରହିବନି । କିନ୍ତୁ ଗୋଟିଏ କଥା—ତୁ କେତେବେଳେ ହେଲେ ଏ ନାଉଭୁମ୍ବାର ଅସଦ୍‌ବ୍ୟବହାର କରିବୁନି । ଯେଉଁଦିନ କରିବୁ, ଜାଣିବୁ ସେଦିନ ହେଉଛି ତୋ ଜୀବନର ଶେଷଦିନ ।"

କନ୍ଧବୁଢ଼ା, ଖୁସିମନରେ ଏଥର ସେ ନାଉଭୁମ୍ବାଟି ଧରି ମାଳ ମାଳ ପର୍ବତ ଏବଂ ଘଞ୍ଚ ଶାଳବଣ ଭିତରେ ଯେଉଁ ଘାସକୁଡ଼ିଆ ଘରଟିମାନ ଅଛି ସେଇଠିକି ଗଲା । ଯାହା ଦୁଆରେ ବସି ସେ ନାଉଭୁମ୍ବା ବଜେଇଲା ସେ ତାକୁ ମାଣ୍ଡିଆ, ଚାଉଳ, କନ୍ଦମୂଳ ଆଣି ଦେଲା । ତାର ଆଉ ତେଣିକି କଷ୍ଟ ଅଭାବ ରହିଲାନି । ଗାଆଁରୁ ମାଗିଯାଚି ସେ ନଈତ ଗାଆଁମୁଣ୍ଡରେ ଥିବା ପୋଖରୀ ହୁଡ଼ାକୁ ଚାଲିଯାଏ । ସେଇଠି ଠେକରା ବସେଇ ଖେଷେଇବାସ କରି ଆରାମରେ ଖିଆପିଆ କରେ ।

ଦିନକର କଥା । ସେ ପୋଖରୀହୁଡ଼ାରେ ନାଉଭୁମ୍ବାଟି ଥୋଇଦେଇ ବସୁ ବସୁ ଟିକିଏ ଢୋଳେଇ ପଡ଼ିଛି, ଏଇ ସମୟରେ ସୁଉ ସୁଉ ହୋଇ ପବନ ବହିଲା, ସେ ପବନ ଯେମିତି ନାଉଭୁମ୍ବାରେ ବଣିଛି ସେଥିରୁ ସେମିତି ଝରିପଡ଼ିଲା ମିଠା ମିଠା ସ୍ୱରଟିଏ ।

Digitized by srujanika@gmail.com

ନିରନ୍ତଳୀ ଠାକୁରାଣୀଙ୍କ ମନ୍ତ୍ରମାନ୍ଦ୍ର ସେ ସ୍ୱରରେ କେମିତି ଗୋଟାଏ କମିଶା ଥିଲା । ଯିଏ ସେ ସ୍ୱର ଶୁଣୁଥିଲା ସେ ବଶୀଭୂତ ହୋଇଯାଉଥିଲା । ପୋଖରୀରେ ଥିବା ମାଛମାନେ ବା ସେଥିରୁ ବାଦ ଯାଆନ୍ତେ କେମିତି ? ପୋଖରୀ ଛାଡ଼ି ସେମାନେ ଗୀତ ଶୁଣିବାପାଇଁ କୂଳକୁ ଛୁଟିଲେ ।

[ନାଉତୁମ୍ବାର ସ୍ୱର ଶୁଣିବାକୁ ମାଛମାନେ କୂଳକୁ ଆସୁଛନ୍ତି]

ମାଛମାନଙ୍କ ରାଜା ହେଉଛନ୍ତି ରାଘବ ବାଲିଆ । ସେ ବାମାକଣ୍ଠକୁ ନିଦରୁ ଉଠେଇଦେଇ କହିଲା—"କିଏ ତୁମେ ବାବା ?"

Digitized by srujanika@gmail.com

ଖାମାକର ଏତେଗୁଡ଼ାଏ ମାଛଙ୍କୁ ହାତପାହାନ୍ତାରେ ଦେଖି ହଳଦିଆ ହଳଦିଆ ଦାନ୍ତ ନେପଡ଼ ପ୍ରଥମେ ହସିଲା—ତା'ପରେ କହିଲା— ମୋତେ ଚହ୍ନିପାରୁନ ନାତିମାନେ; ମୁଁ ପରା ତୁମର ଅଜା ହେବ ?

—"ଏଁ, ତୁମେ ଆମର ଅଜାହେବ—ଖୁବ୍ ବଢ଼ିଆ ହେଲା । ଆଚ୍ଛା ଅଜା ଏ ଯନ୍ତ୍ରଟି ତୁମେ କେଉଁଠୁ ପାଇଲ ? ଏଥିରୁ ତ ଖୁବ୍ ସୁନ୍ଦର ସ୍ୱର ବାହାରୁଛି ।"

—"ସେଇଟା ପରା ମୁଁ ତୁମପାଇଁ ଆଣିଛି । କ'ଣ ମନକୁ ପାଉନ ? ଶୁଣିବ କେତେପ୍ରକାର ସ୍ୱର ବାହାରୁଛି ଏଥିରୁ ?" ଏହା କହି କଙ୍କବୁଢ଼ା ଧୀର ମୁଣ୍ଡ ନାଡ଼ିଏ ତୋଳିଲା ସେଥିରେ···

ସେ ତୁମ୍ବାରୁ ଗୋଟି ଗୋଟି ହୋଇ ସାତୋଟି ସ୍ୱର ବାହାରିଲା । ସେ ସ୍ୱର ଏମିତି ମନଭୁଲାଣିଆ ଥିଲା ଯେ—ତାକୁ ଶୁଣି ମାଛମାନେ ଖାଲି ଆନନ୍ଦରେ ନାଚିବାକୁ ଲାଗିଲେ ।

ସେଥିରୁ ସ୍ୱର ସରୁନଥାଏ କି ମାଛମାନଙ୍କର ନାଚ ସରୁନଥାଏ । ଏଥିମଧ୍ୟରେ କେତେବେଳେ ଦିନଯାଇ ରାତି ହୋଇଗଲାଣି କାହାକୁ ଜଣା ନାହିଁ । ନାଚି ନାଚି ମାଛମାନେ ଯେତେବେଳେ ହାଲିଆ ହୋଇପଡ଼ିଲେ —ଅଜା ପଚାରିଲେ—"କେମିତି ଲାଗିଲା ?"

ମାଛମାନେ କହିଲେ—ଖୁବ୍ ବଢ଼ିଆ ଅଜା, ତୁମେ ସବୁଦିନେ ଆମକୁ ଏମିତି ଗୀତ ଶୁଣାନ୍ତ କି ?

ଅଜା କହିଲେ—"ଶୁଣେଇବି ନାତିମାନେ, ମୁଁ ରୋଇତ ପୋଖରୀ କୂଳକୁ ଆସି ତୁମକୁ ଗୀତ ଶୁଣେଇବି ।"

ମାଛମାନେ ସମସ୍ୱରରେ କହିଲେ—"ତୁମେ ଆଜି ଯିବ କୁଆଡ଼େ ଅଜା ? ଏଇଠି ରହିଯାଅନା । ଦିନରେ ମାଗିଯାଚି ଆଣି ପୋଖରୀ କୂଳରେ ବେଷେଇବାସ ଖିଆପିଆ କରିବ । ରାତିହେଲେ ଆମ ମାଆଙ୍କ ପେଟଭିତରେ ଆରାମରେ ଶୋଇପଡ଼ିବ ।"

Digitized by srujanika@gmail.com

ମାଛରଜା କହିଲେ —"ଏବେ ତ ଅନେକ ରାତି ହେଲାଣି । ଅଜା ମୋ ପେଟ ଭିତରେ ଆଜି ବି ଶୋଇପଡ଼ନ୍ତୁ ।"

କଛପବୁଢ଼ା ଏ ସୁଯୋଗ ଛାଡ଼ନ୍ତା କାହିଁକି ? ମୀନରଜା ବାଳଆ ତା'ର ଫାଳଆ ପାଟିକି ଜାଉଁଳ କବାଟ ପରି ମେଲା କରିଦେଲା—ଅଜା ଚୁପ୍‌ଚାପ୍ ତା' ଭିତରକୁ ପଶିଯାଇ ଆରାମରେ ଶୋଇପଡ଼ିଲେ ।

ସକାଳୁ ଉଠି ଅଜା ଆହାର ଅନ୍ୱେଷଣରେ ଗଲେ ଗାଆଁକୁ । ଏମିତି ସବୁଦିନେ । ଅଜା ସକାଳୁ ଯାଇ ସଞ୍ଜକୁ ଫେରିଆସନ୍ତି ପୋଖରୀ କୂଳକୁ, ମାଛମାନଙ୍କୁ ନାଉଡୁମ୍ବାର ଗୀତ ଶୁଣାନ୍ତି । ମାଛମାନେ ହଲି ହଲି ...ଝୁଲି ଝୁଲି ନାଚନ୍ତି । ନାଚଗୀତ ସରିଲାପରେ ଅଜା, ମାଛରଜାର ଢୋଲଭଳି ପେଟ ଭିତରେ ଚେଙ୍କେଇହୋଇ ଶୋଇପଡ଼ନ୍ତି ବେଶ୍ ଆରାମରେ ।

ଏମିତି କଛପବୁଢ଼ାର ଦିନଗୁଡ଼ାକ ବେଶ୍ ହସଖୁସିରେ ବିତୁଥାଏ । ସବୁଦିନେ ସମାନ ନ ଥାଏ । ଥରକର କଛପବୁଢ଼ା ମନକୁ ପାପଚିନ୍ତା ଛୁଇଁଲା । ସେ ଠିକ୍‌କଲା ଏ ମାଛମାନଙ୍କୁ କେମିତି ଖାଆନ୍ତା ?

ଦିନେ ସେ ମାଛକୁଆମାନଙ୍କୁ ଚୋରେଇକାରେ ପାଖକୁ ଡାକି କହିଲା —"ନାତିମାନେ, ତୁମେ ମୋ ନାଉଡୁମ୍ବାର ସ୍ୱର ଶୁଣି ଏମିତି ନାଚୁଛ, ଜାଣିଛ ଏହା ଭିତରେ କେତେ ଭଲ ଜିନିଷ ଅଛି ?"

ମାଛକୁଆମାନେ କହିଲେ-- "ନାହିଁ ତ ଅଜା ।"

—"ଆରେ ଥରେ ଥରେ ତୁମେମାନେ ଏ କୁହୁକ ଯନ୍ତ୍ର ଭିତରେ ପଶ ଆଉ ଦେଖ । କଲିକତାର ଚିଡ଼ିଆଖାନା, ହାବୋଡ଼ାପୋଲ କ'ଣ ନାହିଁ ଯା ଭିତରେ ? ସେସବୁ ଦେଖିଲେ ନା ତୁମେ ତୁମର ବାପ ମାଆ, ସାଙ୍ଗସାଥୀ ସମସ୍ତଙ୍କୁ ଭୁଲିଯିବ ।"

ଅଜାମାନେ କେବେ କ'ଣ ମିଛ କହନ୍ତି ? ଛୋଟ ଛୋଟ ମାଛମାନେ ସେ କଥାରେ ପରତେଗଲେ । ଅଜା, ସବୁଦିନେ ଏଣିକି ସକାଳୁ

Digitized by srujanika@gmail.com

ଉଠି ପୋଖରୀ କୂଳରେ ସେ' ନାଉଭୁମ୍ବାଟି ରଖିଦଅନ୍ତି । ଟିକିମାଛମାନେ ଚଞ୍ଚାକୁ ଚଞ୍ଚା ଆସି ଖପାଖପ୍ ହୋଇ ତା' ଭିତରକୁ ପଶିଯାଆନ୍ତି । ଯିଏ ଥରେ ତା' ଭିତରେ ପଶେ ସେ ଗଲା ହାବୋଡ଼ାପୋଲ ଦେଖୁଥାଏ—ପଦାକୁ ଆଉ ବାହାରି ପାରେନା । ସେମିତି କୁନି କୁନି ମାଛରେ ନାଉଭୁମ୍ବାଟି ବୋଝେଇ ହୋଇଯାଏ—କନ୍ଧବୁଢ଼ା ତାକୁ ନେଇ ଜଙ୍ଗଲ ଭିତରକୁ ଚାଲିଯାଏ । ସେଇଠି ରାନ୍ଧିବାଢ଼ି ଆରାମରେ ଖାଏ । ଏମିତି ପ୍ରତିଦିନ ।

ଖାଇଲେ ତ ନଈବାଲି ସରିଯାଏ । ମାଛ ଆଉ ସରନ୍ତେନାହିଁ ନା କ'ଣ ? ଦେଖୁ ଦେଖୁ କେତେଦିନ ବାଦେ ସେ ପୋଖରୀରେ ଗୋଟେହେଲେ ଗ୍ଲେଟମାଛ ଦିଶିଲେନି ।

କ'ଣ ଏ ଘଟଣା ? ମୀନରଜା ଚିନ୍ତାରେ ପଡ଼ି ଦିନେ ତା'ର ସଭାସଦ୍‌ବର୍ଗଙ୍କୁ ଡକେଇଲା । ସମସ୍ତଙ୍କୁ ପଚାରି କାରଣ କ'ଣ ବୁଝିବାକୁ ବହୁତ ଚେଷ୍ଟାକଲା । କେହି କିଛି କହିପାରିଲେନି । ସମସ୍ତେ ଖାଲି ପ'ଟି ପାକୁ ପାକୁ କଲେ ।

ସେଉଠୁ ମୀନରଜା ହୁକୁମ୍ କଲା—କଟୁଆଳ କଉମାଛକୁ :

—ଶୁଣ କଉମାଛ

—ହଇ ହଇ

—ତୁ ଉଗଉଗ ହୋଇ ଯିବୁ

—ହଇ ହଇ

—ଏ ଘଟଣାର ଅନୁସନ୍ଧାନ କରିବୁ

—ହଇ ହଇ

—ଶୀଘ୍ର ମତେ ଆସି ଜଣେଇବୁ

—ହଇ ହଇ

—ଯଦି ବିଳମ୍ବ କରିବୁ ?

Digitized by srujanika@gmail.com

—ଗୁମୁ ମୁଣ୍ଡଟାକୁ ଗଣ୍ଠିରୁ ଫଟ୍‌ର୍ କନା ଉଡ଼େଇଦେବେ ।

—ଏବେ ଯାଆ

—ଚ୍ଳିଲି···

ମହାପ୍ରତାପୀ ମୀନରଜାଙ୍କର ସେ ହୁକୁମ୍ ପାଇ କଉମାଛଟା ତା'ର ଯାତମୃନିଆ ଦେଣ୍ଡାଟାକୁ ଧରି ଗୋଟିଏ ଶାଳଗଛ ଉପରକୁ ଚଢ଼ିଗଲା । ଖୁବ୍ ସତର୍କ ହୋଇ ଚାରିଆଡ଼କୁ ଅନେଇକି ରହିଲା—ଅନୁସନ୍ଧାନ ଶେଷ-କରି ତା' ପରଦିନ ଦ୍ୱିପ୍ରହର ବେଳକୁ ମୁଣ୍ଡ ନୁଆଁଇ ଛୁଟିଆସିଲା ଆସି ମହାରାଜାଙ୍କ ସାମ୍ନାରେ ।

—ମହାପ୍ରତାପୀ ମହାରାଜାଙ୍କର ଜୟହେଉ

—କି ଖବର ଉଗର

—ଖବର ବଡ଼ ଜବର

—ଏଥର କହିପକା

—କହୁଛି

କଉମାଛ ହାତଯୋଡ଼ି ଶାଳଗଛରେ ଲୁଚିବସି ଅଜାଙ୍କର ଯାହାଯାହା କାର୍ଯ୍ୟକଳାପ ଦେଖିଥିଲା—ସବୁ ବର୍ଣ୍ଣନା କରିଗଲା ।

ସେକଥା ଶୁଣି ମୀନ ମହାରାଜା ନିଜର କୁଠାରୁ ଉଠେଇ କ୍ରୋଧରେ ଖାଲି କମ୍ପିବାକୁ ଲାଗିଲେ । କହିଲେ—"ଯିଏ ପିଲାଙ୍କର ଶତ୍ରୁ, ସେ ଏ ରାଇଜର ଶତ୍ରୁ ! ତା'ର ଆଉ ମୁହୂର୍ତ୍ତେ ସୁଦ୍ଧା ବଞ୍ଚିବାର ଅଧିକାର ନାହିଁ । ଆଜି ସଞ୍ଜକୁ ଆସୁ ସେ ହାରାମଜାଦା ବୁଢ଼ା, ମୁଁ ତାକୁ ଏମିତି ପଟାଏ ଦେବି ଯେ ମରିବାଯାଏ ସେ କଥା ଭୁଲିପାରିବ ନାହିଁ ।

ପୋଖରୀ ରାଜ୍ୟର ଅଧୀଶ୍ୱର ସେ—ତାଙ୍କ କଥା କି ଆଉ ଟଳେ ପଡ଼ନ୍ତା ? ସେଦିନ ସଞ୍ଜକୁ ଗାଆଁରୁ ଫେରି କହିବୁଢ଼ା ମୀନରଜାଙ୍କ ପେଟଭିତରେ ସବୁଦିନ ପରି ଆରାମରେ ଶୋଇପଡ଼ିଲା ।

Digitized by srujanika@gmail.com

ରାତି ପାହି ସକାଳହେଲା । ସମସ୍ତଙ୍କ ନିଦ ସାଥିରେ କଛବୁଢ଼ାର ମଧ୍ୟ ନିଦ ଭାଙ୍ଗିଲା । ସେ ପେଟଭିତରୁ ଡାକ ଛୁଡ଼ିଲା—ନାଡି ଶୀଘ୍ର ମେଲା କରି ପାଟି । ତରେ କ'ଣ ଜଣାପଡ଼ୁନି—ରାତିପାହି ସକାଳ ହେଲାଣି ।

ଜବାବ ମିଳିଲା—ସକାଳ ଆସିଛି ସତ—କିନ୍ତୁ ତୋ' ସକାଳ ଆଉ ଆସିବନି ।

ମୀନରଜା ଆଉ ପାଟି ଖୋଲିଲାନି । ନିଉଛୁଣା କଛବୁଢ଼ା ତା' ଅପରାଧର ଶାସ୍ତି ଭୋଗକଲା । ସେଇଟି ହେଲା ତାର ଅକାଳମୃତ୍ୟୁ ! ସେ ଯେମିତି ମୀନରଜାର ବିଶ୍ୱାସ ହରାଇ ତା' ଛୁଆମାନଙ୍କୁ ଖାଇଥିଲା, ମୀନରଜା ଠିକ୍ ସେମିତି ତା' ବିଶ୍ୱାସରେ ବିଷଦେଲା । କଛବୁଢ଼ା ହଜମ ହେଲା ତା' ପେଟ ଭିତରେ ।

ଏଇଠୁ ସେ ଗପଟି ସରିଯିବା କଥା । ମାତ୍ର କଛବୁଢ଼ାର ଖଣ୍ଡିଏ ହାଡ଼ ମୀନରଜା ପେଟରେ ହଜମ ନ ହୋଇ ରହିଯିବାରୁ ତା' ସନ୍ତତି କଥା ଆଉଟିକେ ରହିଯାଇଛି । ଯେଉଁ ହାଡ଼ଖଣ୍ଡିକ ହଜମ ନହେଲା—ମୀନରଜା ତାକୁ ବାନ୍ତି କରିପକେଇଲା । ସେ ହାଡ଼ ଖଣ୍ଡିକ ପଦାରେ ପଡ଼ିବାମାତ୍ରେ ଗୋଟିଏ ଚଢ଼େଇ ହୋଇ ଫୁର୍ର୍ କିନା ଉଡ଼ିଗଲା ଆକାଶକୁ । ସେ' ଚଢ଼େଇଟିକୁ ତୁମଭିତରୁ କେହି କେହି ଦେଖିଥିବ । ତା' ନାଆଁ—ମାଛରଙ୍କା ।

ମାଛମାନଙ୍କୁ ଦେଖିଦେଲାକ୍ଷଣି ତା' ମନଖାଲି ରଙ୍କରଙ୍କ । ମୀନ-ରଜା ଉପରେ ରାଗ ଶୁଝେଇବା ପାଇଁ ସେଇଦିନୁ ସେ ପୋଖରୀ ଉପରେ ଚକ୍କର କାଟେ । ନାଉଭୁମ୍ବା ଭଳି ମଧୁର ସ୍ୱର ବାହାର କରି ମୀନ-ମାନଙ୍କୁ ପ୍ରଥମେ ଆକୃଷ୍ଟକରେ । ଯେମିତି ସେ ଭୁଲଣିଆ ସ୍ୱର ଶୁଣି ସେମାନେ ଉପରକୁ ଉଠନ୍ତି—ସେମିତି ସେ' ଝପଟି ଆସି ଗୋଟିଏ ଝାମ୍ପି-ନେଇ ପଳାଏ ।

କେବଳ ମାଛମାନଙ୍କୁ ଧରି ଖାଇବା ତାର କାମ ନୁହେଁ—ତା' ସନ୍ତତି ଲୋକମାନଙ୍କୁ ସେ ଏଇ ଶିକ୍ଷା ଦିଏ—କଛବୁଢ଼ା ପରି ତୁମେ ଯଦି

Digitized by srujanika@gmail.com

ତୁମ ଜ୍ଞାନର···ଧନର···ବସ୍ତୁରର ଦୁରୁପଯୋଗ କରିବ···କେବେ କାହାରି ବିଶ୍ୱାସରେ ବିଷଦେବ; ତୁମେ ମଧ୍ୟ ଦିନେ ଏହିଭଳି ଶାସ୍ତି ଭୋଗ କରିବ । ତୁମପାଇଁ ନୂଆ ସକାଳ କି ଉଦୟକାଳ ଆଉ ଆସିବନି ।

ଟିପ୍ପଣୀ—

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।

ଇଏ ହେଉଛି କନ୍ଧ କବି ଅନ୍ଧ ଭୀମଭୋଇଙ୍କ ଉକ୍ତି । ଯେଉଁ ଜାତିର ଲୋକମାନେ ଜଗତର କଲ୍ୟାଣ ପାଇ ନିଜର ଜୀବନକୁ ନର୍କରେ ସମାଧି ଦେବାକୁ ସୁଦ୍ଧା ପଛୁନ୍ତନି -ସେ ଜାତି କେବେ କ'ଣ ଦୋଷୀକୁ କ୍ଷମା କରି-ପାରେ ? ଆଜକାଲି ସଭ୍ୟ ଦୁନିଆରେ ଯିଏ ସଜ୍ଜନ ଏବଂ ନିର୍ଦ୍ଦୋଷ ତାକୁ ହିଁ ଦଣ୍ଡ ମିଳିଥାଏ । ଅସଲ ଦୋଷୀ ମୁକ୍ତ ମୋଡ଼ ମୋଡ଼ି ହସୁଥାଏ; କିନ୍ତୁ କନ୍ଧ ସମ୍ପ୍ରଦାୟରେ ସେ କଥା ନାହିଁ । ସେ ଯେତେ ନିଜର, ଯେତେ ପାଖଲୋକ ହେଉ ବରଂ ଦୋଷ କଲେ ତାକୁ ଦଣ୍ଡ ମିଳିବ ହିଁ ମିଳିବ । ଗଳ୍ପଟିରୁ ଯେଇ ସ୍ୱର ବାରି ହୋଇପଡ଼େ ।

□□□

Digitized by srujanika@gmail.com

ଭୂୟାଁ ଲୋକକଥା (ଉତ୍ତର ଓଡ଼ିଶା)

ମଣିଷର ଦୁଃଖ କାହିଁକି ?

ସେତେବେଳେ ଯାହା ଲୋକେ କହୁଥିଲେ—"ସବୁ ସତ"
ଯାହା ଶୁଣୁଥିଲେ—"ସବୁ ଭଲ"
ଯାହା ଖାଉଥିଲେ—"ସବୁ ଖାଣ୍ଟି ସେଥିରେ ଭେଜାଲ ନଥିଲା"
ଯାହାକୁ ଦେଖ ସେ ଥିଲା—"ଜଣେ ସାଧୁ"
କାହାରିଠାରେ ସ୍ୱାର୍ଥ ପରତା ନଥିଲା···

ଇଏ ହୋଉ ସମୟର କଥା ତୁମକୁ କୁହାଯାଉଛି ଯେ ସମୟଟା ଏ ସମୟଠାରୁ ନିଶ୍ଚୟ ଅଲଗା ଥିଲା । ସେତେବେଳେ ପାହାଡ଼ ପର୍ବତ-ସବୁର ଡେଣା ଥିଲା । ସେମାନେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଉଡ଼ିଯାଇ ପାରୁଥିଲେ । ଗଛଲତାମାନେ ଏଠୁ ସେଠିକି ବୁଲ୍‌ବୁଲ୍ କରି-ପାରୁଥିଲେ । ନଦୀ, ନାଳ, ବଣ, ଝରଣା ନିଜନିଜ ଭିତରେ ମଣିଷ ପରି କଥାବାର୍ତ୍ତା ହୋଇପାରୁଥିଲେ । ବାଘ ଥିଲେ ହରିଣ ଥିଲେ, ସଞ୍ଚାଣ ଥିଲେ କପୋତ ଥିଲେ, କିନ୍ତୁ କେହି କାହାରି ଦେହରେ ହାତ ଦେଉ ନଥିଲେ । ଲୋକମାନଙ୍କ ଭିତରେ ବେଶ୍ ସଦ୍‌ଭାବ ଥିଲା । ଜଣେ ଅନ୍ୟର ସୁଖରେ ସୁଖୀ ଅନ୍ୟର ଦୁଃଖରେ ଦୁଃଖୀ ହେଉଥିଲା । ପରସ୍ପରକୁ ନିଜର ମଣି ଚଳୁଥିଲା । ସାରା ସଂସାରଟା ଥିଲା ଗୋଟିଏ ପରିବାର । ସଭିଏଁ ସେଠାରେ ଦିଆନିଆ ହୋଇ ଘରର କୁଟୁମ୍ବପରି ଚଳୁଥିଲେ । ଦୁଃଖ ଦୁର୍ଦ୍ଦିନ ସମୟରେ ଦେବତାମାନେ ସରଗ ରାଇଜରୁ ଓହ୍ଲାଇଆସି ମଣିଷକୁ ସାହାଯ୍ୟ କରୁଥିଲେ । ଏହାର କାରଣ ଅନ୍ୟ କିଛି ନୁହେଁ—ସେତେ-ବେଳେ ସଂସାରଯାକରେ ସତ୍ୟର ଠେକ ଥିଲା । ସମସ୍ତେ ସତ୍‌ମାନ ଚଳୁଥିଲେ ।

Digitized by srujanika@gmail.com

ଗନ୍ଧମାର୍ଦ୍ଦନ ପର୍ବତର ନାଆଁ ତୁମେ ଶୁଣିଥିବ ? ସେ ଥିଲା ସେତେବେଳେ ସବୁ ପାହାଡ଼ଙ୍କର ମୁରବି । ଛୋଟ ଛୋଟ ପାହାଡ଼ମାନଙ୍କୁ



[ପାହାଡ଼ମାନଙ୍କର ମୁରବି ଗନ୍ଧମାର୍ଦ୍ଦନ]

ଡାକିନେଇ ସେ ତା'ର ପାଖେ ପାଖେ ରଖୁଥିଲା । ସେ ଯେମିତି ଅନ୍ୟମାନଙ୍କୁ ଶ୍ରଦ୍ଧା କରୁଥିଲା, ଅନ୍ୟମାନେ ସେମିତି ତାଙ୍କୁ ଭକ୍ତି

Digitized by srujanika@gmail.com

କରୁଥିଲେ । ତା'ଠାରୁ ପାଞ୍ଚକୋଶ ଦୂରରେ ତା'ର ଆଉଜଣେ ଅନୁଗତ ପାହାଡ଼ ଥିଲା—ତା' ନାଆଁ ଦେଉଳଦୁମା । ସେ ଦୂରକୁ ଠିକ୍ ଦେଉଳ ପରି ଦିଶେ । ଦେଉଳଦୁମା ପାଦଦେଶକୁ ଛୁଇଁ ବହିଯାଉଛି ବୈତରଣୀନଈ ।

ଦେଉଳଦୁମାର ବିଶେଷତ୍ୱ—ତା' ଦେହରେ ଅସଂଖ୍ୟ ଗୁମ୍ଫା ଥିଲା । ପ୍ରତ୍ୟେକ ଗୁମ୍ଫାଠାରେ ସରଗ ରାଇଜରୁ ଆସି ଜଣେ ଜଣେ ଦେବତା ରହୁଥିଲେ । ସେମାନେ କାହାରିକୁ ଦୃଶ୍ୟ ହେଉ ନ ଥିଲେ ସତ —କିନ୍ତୁ ମଣିଷର ହାରିଗୁହାରି ଶୁଣିବାକୁ ସବୁବେଳେ ସଜାଗ ହୋଇ ରହୁଥିଲେ । ଯାହାର ଯେତେବେଳେ କିଛି ଆବଶ୍ୟକ ପଡ଼ୁଥିଲା ସେ ଯାଇ ଗୁମ୍ଫା ଦୁଆରେ ଜଣାଇବା ସଙ୍ଗେ ସଙ୍ଗେ ସେ ଜିନିଷ ତାକୁ ମିଳି ଯାଉଥିଲା । ଏଡ଼େ ଟିକେ ଟିକେ ଗୁମ୍ଫା କିନ୍ତୁ ତା' ଭିତରେ ଏତେ ଧାନ ଥିଲା ଯେ—ଗୋଟି ଗୋଟି କରି ବିଞ୍ଚିଲ ହେଲେ ସାରା ସଂସାର ସେଥିରେ ଭରିଯିବ । ଏତେ ଲୁଗା ଥିଲା ଯେ—ଗୋଟି ଗୋଟି କରି ପାରିହେଲେ ସାରା ଆକାଶ ସେଥିରେ ଛାଇ ହୋଇଯିବ । ଏତେ ଟଙ୍କା ସୁନା ଥିଲା ଯେ—ସେଥିରେ ମଣିଷ ଜାତିର ସବୁ ଅଭାବ ମେଣ୍ଟିଯିବ...

ଏଥିରେ କାହିଁକି ଭଲା କିଛି ଅଭାବ ଥିବ ?

ପୁନେଇଁ ପର୍ବରେ ମନକୁ ମନ ସେ ଗୁମ୍ଫା ଦୁଆରେ ପିଲାଙ୍କ ପାଇଁ କେତେ ପ୍ରକାର ପିଠାପଣା ଥାଳି ବୋଝେଇ ହୋଇ ଥୁଆ ହୋଇଯାଏ ।

ମକର ଯାତରା କି ଆଉ ସେମିତି କିଛି ଯାତରା ହେଲେ—ଗୁମ୍ଫା ଦୁଆରେ ସ୍ତ୍ରୀଲୋକଙ୍କ ପାଇଁ ସଜେଇ ହୋଇ ରହିଥାଏ ମନମୁତାବକ ଥାକଥାକ ଲୁଗାପଟା ।

Digitized by srujanika@gmail.com

ସେମିତ ପୁରୁଷ ଲୋକଙ୍କ ପାଇଁ ଗାମୁଛ ଏବଂ ଧୋତ । ପିନ୍ଧଏ ପିଠାପଣା ଖାଆନ୍ତ । ଥାଳ ନେଇ ଥୋଇ ଦେଇ ଆସନ୍ତ

[ଯାନଯାତ୍ରା ବେଳେ ଗୁମ୍ଫାଦ୍ୱାରରେ ବିଭିନ୍ନ ଦ୍ରବ୍ୟ]

ଦୁଆରେ । ଭଉଣୀମାନେ ପୁରୁଷଲୋକମାନେ ଶାଢ଼ି ଧୋତ ପାଟବସନ ଆଣି ପିନ୍ଧନ୍ତ—ତା'ପରଦନ ସକାଳୁ ତାକୁ ଧୂଆଧୋଇ କର ଥୋଇ ଦେଇ ଆସନ୍ତ ଗୁମ୍ଫା ଦୁଆରେ । ଏଇ ଥାଏ ନିୟମ । ଫେରେଇ

Digitized by srujanika@gmail.com

ନ ଦେଲେ ଚଳନ୍ତା ଯେ—ଲୋକଙ୍କର କର୍ମୋଦ୍ଧପଣିଆ ଦେଖିବା କରିବାର ଏ ଥିଲା ଗୋଟିଏ ଉପାୟ ।

ଏମିତି ସୁଖଦୁଃଖରେ ଲୋକଙ୍କ ଦିନ କଟି ଯାଉଥାଏ ।

ସବୁଦିନେ ତ ସମାନ ନଥାଏ ! ମଣିଷର ପାଞ୍ଚମନ ପଚାଶ ପ୍ରକୃତି । ଦିନକୁ ଦିନ ତାଙ୍କର କ'ଣ ହେଲା କେଜାଣି ସେମାନେ ଯେମିତି ବଦଳି-ଗଲେ । ପିଲାଏ ଆଉ ଖିରିପିଠା ଖାଇ ଥାଳି ଫେରେଇଲେ ନାହିଁ । ଯଦି ବା କଏ ଫେରେଇଲା ସେ ଥାଳି ଜାଗାରେ ନେଇ ଥାଳିଆଟିଏ ଥୋଇ ଦେଇ ଆସିଲା । ସେମିତି ସ୍ତ୍ରୀ ପୁରୁଷମାନେ ଶାଢ଼ି ଧୋତି ଫେରେଇଲେନି । ଯଦି ବା—କଏ ଫେରେଇଲା—ନୂଆ ଶାଢ଼ି ରଖିଦେଇ ଫଟାଚିରା କି ପୁରୁଣା ଶାଢ଼ିଟିଏ ନେଇ ଥୋଇ ଦେଇ ଆସିଲା । ନନ୍ଦନପୁରର ହେଲା ବ୍ୟତିକ୍ରମ । ମଣିଷକୁ ଗ୍ରାସ କଲା ଲୋଭ ।

ସେଦିନ ଗୋଟିଏ ଅଦ୍ଭୁତ କାଣ୍ଡ ଘଟିଲା ପୃଥିବୀରେ । ପାହାଡ଼ ପର୍ବତଙ୍କର ଡେଣାସବୁ ଛିଡ଼ିଗଲା । ସିମାନେ ଗୋଟିଏ ସ୍ଥାନରେ ପଡ଼ି ରହିଲେ । ଦିଅଁ ଦେବତା ଆଉ ଆତଯାତ ନ ହୋଇ ପଥର ପାଲଟିଗଲେ । ଦେଉଳଦୁମା ଗୁମ୍ଫା ଭିତରୁ ଧାନଚାଉଳ, ଲୁଗାପଟା, ଟଙ୍କାପଇସା କୁଆଡ଼େ ଉଭାନ ହୋଇଗଲା । ସେ ଗୁମ୍ଫାରୁ ସକାଳ ସଞ୍ଜରେ ଆଉ ଶଙ୍ଖଘଣ୍ଟା ଶୁଭିଲା ନାହିଁ ।

ଯେଉଁ ଦିନଠାରୁ ମଣିଷକୁ ଲୋଭ ଗ୍ରାସ କଲା—ସେଇଦିନଠାରୁ ଭଗବାନ ମଣିଷ ପିଠିରେ ଲଦିଦେଲେ ଦୁଃଖର ଗଣ୍ଠିଲି । ତା'ର ଅବସ୍ଥା ଦିନକୁଦିନ ଖରାପ ହେବାକୁ ଲାଗିଲା । ସେ ହେଲା ସ୍ୱାର୍ଥାନ୍ଧ, କୁଟିଳ ସ୍ୱଭାବ, ମାତୃଭକ୍ତି କର୍ମଧର୍ମଶୂନ୍ୟ, ବିବେକହୀନ, ଭ୍ରଷ୍ଟ, ଏବଂ ପତିତ । ପରଶ୍ରୀ-କାତରତା, ସଂକୀର୍ଣ୍ଣତା ଓ ବିଦ୍ୱେଷ ତା' ମନରେ ସବୁବେଳେ ଘର କରି ରହିଲା । ଗୁରୁ ଯେମିତି ନିଜର ଦାୟିତ୍ୱ ଭୁଲିଗଲେ—ଶିଷ୍ୟ ସେମିତି ଗୁରୁଙ୍କୁ ମାନିଲା ନାହିଁ । ବାପ ପୁଅର ଯତ୍ନ ନେଲା ନାହିଁ କି

Digitized by srujanika@gmail.com

ପୁଅ ବାପାଙ୍କୁ ପଚାରିଲା ନାହିଁ । କୁଳବୋହୂମାନେ ନିଜର କର୍ତ୍ତବ୍ୟ ଭୁଲିଯାଇ ଶାଶୂ-ଶ୍ୱଶୁର, ପତି ଏବଂ ଗୁରୁଜନଙ୍କ ମନରେ କଷ୍ଟ ଦେଲେ । ମଣିଷର ସ୍ୱାର୍ଥପରତା ଦିନକୁଦିନ ଏତେ ବଢ଼ିଗଲା ଯେ—

ଏଣିକି ଯେଉଁଠି ଦେଖିବ—‘ଘ୍ରେର୍’

ଯାହା ଶୁଣିବ—‘ମିଛ’

ଯାହା ଖାଇବ—‘ଭେଜାଲ୍’

ଏମିତି କାହିଁକି ହେଲା ?

ତା’ର କେବଳ ଗୋଟିଏ ଉତ୍ତର—ଲୋକେ ସତ ହୁଡ଼ିଲେ ।

□□□

Digitized by srujanika@gmail.com

ଉଦୟକାଳର ବାର୍ତ୍ତାବହ

ଅନେକ, ଅନେକ, ଅନେକଦିନ ତଳର କଥା । ଅସୁରଙ୍କ ଦେହରେ ହିଂସ୍ରପଶୁର ରକ୍ତ ରହିଥାଏ । ସେଥିପାଇଁ ସେମାନେ କେତେବେଳେ ଦେବତା ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତ କେତେବେଳେ ମଣିଷ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି । କାହାର ସୁଖଶାନ୍ତି ତାଙ୍କ ଆଖିରେ ମୋଟେ ଯାଏନା । ମଣିଷମାନେ ତାଙ୍କଠାରୁ ଭଲହୋଇ ବି ସେମାନେ ଦୁଃଖରେ ରହନ୍ତି ଆଉ ଅସୁରମାନେ ରହନ୍ତି ସୁଖରେ···

ମଣିଷମାନଙ୍କର ସର୍ବଶକ୍ତିମାନ ଦେବତା ହେଲେ ସୂର୍ଯ୍ୟଦେବ । ସେମାନେ ତାଙ୍କୁ ପୂଜା କଲାବେଳେ ଅସୁରମାନେ ତାଙ୍କୁ ମାନୁ ନ ଥାନ୍ତି । ତାଙ୍କ ମନକୁ ଯାହା ଆସୁଥାଏ ତାହା ସେମାନେ କରୁଥାନ୍ତି । ଏତିକିବେଳେ ପଥର ଦେହରୁ ଲୁହା ବାହାର କରିବାର ଉପାୟଟି ସେମାନେ କେମିତି ଜାଣିଗଲେ । ସେଇ ଲୁହାରେ ନାନାପ୍ରକାର ମାରାତ୍ମକ ଅସ୍ତ୍ରଶସ୍ତ୍ର ତିଆରି ହୋଇପାରୁଥିଲା । ତା' ସାହାଯ୍ୟରେ ପଶୁପକ୍ଷୀ, ମଣିଷ—ସମସ୍ତଙ୍କୁ ଶିକାର କରିବା ସହଜ ହେଉଥିଲା ।

ସେ ଉପାୟଟି ଜାଣିବା ପରେ ସେମାନେ ଏଥର ଲୁହାପଥର ସବୁ ଖୋଜି ବୁଲିଲେ । ତାକୁ ସଂଗ୍ରହ କରି ତରଳାଇବା ନିମନ୍ତେ ସେମାନେ ବଣ ଜଙ୍ଗଲରେ ନିଆଁ ଲଗେଇଦେଲେ । ହୁହୁଁ ହୁହୁଁ ବଣ ଜଙ୍ଗଲ ସବୁ ଜଳିପୋଡ଼ି ମୂଠାଏ ପାଉଁଶରେ ପରିଣତ ହେଲା । ଦିନରାତି ନିଆଁ ଜଳିବା

Digitized by srujanika@gmail.com

ହେଉ ପୃଥିବୀରେ ହେଲା ପ୍ରବଳ ଗୁଳୁଗୁଳ । ଗୁଳୁଗୁଳରେ ପଶୁପକ୍ଷୀଠୁଁ ଆରମ୍ଭକରି ମଣିଷ ପର୍ଯ୍ୟନ୍ତ କେହି ଶାନ୍ତିରେ ରହିପାରିଲେ ନାହିଁ । ପୃଥିବୀରେ ଯେତେ ନଈନାଳ ପୋଖରୀ ଅଛି ସେ ସବୁ ଶୁଖିଗଲା । ଗଛଆଡ଼େ ଖାଲି

[ପ୍ରବଳ ଗୁଳୁଗୁଳି ହେତୁ ଜୀବଜଗତ ବିବ୍ରତ]

ଧୂ-ଧୂ ନିଆଁ । ନିଆଁରେ ଫସଲ ଜଳିଗଲା । ଭୋକରେ ଜଳିଲା ପେଟ । ଜୀବଜଗତ ସେଇ ଦୁଃଖରେ ଯେମିତି ହୁତ୍ ହୁତ୍ ହୋଇ ଜଳିବାରେ ଲାଗିଥାଏ ।

Digitized by srujanika@gmail.com

ମଣିଷମାନେ ତା'ର ପ୍ରତିକାର ପାଇଁ ଯେତେ ଯାହା କଲେ ସବୁ ଫସର ଫାଟିଲା । ଶେଷକୁ ସେମାନେ ଏକାଠିହୋଇ ନିଜର ଉପାସ୍ୟ-ଦେବତା ସୂର୍ଯ୍ୟଙ୍କୁ ସବୁକଥା ଜଣାଇଲେ ।

ସବୁ ଶୁଣି ସୂର୍ଯ୍ୟ କହିଲେ :

ଡରନାରେ ଡରନା—ତୁମଲାଗି ପଠାଇଲି
ଦୁଇଗୋଟି ଚଢ଼େଇ
ତାଙ୍କ ଲାଗି ରଖିଥାଅ···
ପାଣିଭରା ସରା ଆଉ ଧଢ଼େଇ
ଯିବେ ସେଇ ଦୂତରୂପେ
ତୁମକୁ ରଖିବେ ସୁଖେ
ଭାଜିଯିବ ଅସୁରଙ୍କ—
ବଳ ଆଉ ବଢ଼େଇ
ଡରନାରେ ଡରନା
ତୁମଲାଗି ପଠାଇଲି ଦୁଇଗୋଟି ଚଢ଼େଇ ।।

ଏହା କହି ବହୁତ ଭାବଚିନ୍ତି—ସେ ଦୁଇଜଣ ଦେବଦୂତଙ୍କୁ ଚଢ଼େଇ ରୂପରେ ପୃଥିବୀକି ପଠେଇଲେ । ତାଙ୍କୁ କହିଲେ—ଅସୁରମାନଙ୍କୁ ତୁମେ ଯାଇ ମୋର ବାର୍ତ୍ତା ଜଣାଇଦେବ । ଯଦି ସେମାନେ ଜଙ୍ଗଲ ପୋଡ଼ିବା ବନ୍ଦ ନ କରନ୍ତି ତେବେ ସେମାନଙ୍କର ବିନାଶ ହେବା ସୁନିଶ୍ଚିତ ।

ସୂର୍ଯ୍ୟଦେବତା ଯେମିତି କହିଥିଲେ—ଚଢ଼େଇ ଦୁଇଟି ସେମିତି ଆସି ଅସୁରଙ୍କୁ ସବୁକଥା ଜଣାଇଲେ । ସବୁଶୁଣି ଅସୁରମାନେ ଠୋ' ଠୋ' ମାରି ହସିଲେ । ଚଢ଼େଇ ଦୁଇଟିଙ୍କୁ ଧରିନେଇ ସେ ଯେଉଁ ଜଙ୍ଗଲ ପୋଡ଼ୁଥିଲେ—ତା'ର ଟାଉଁଶକୁ ତାଙ୍କ ଦେହରେ ଭଲକରି ବୋଳି-ଦେଲେ । ଗୋଟିଏ ଚଢ଼େଇ ଦେହରେ ଧଳାପାଉଁଶ ବୋଳିଦେବାରୁ ସେ ଠିକ୍ ଚକ୍‌ଖଡ଼ି ପରି ଧଳା ଦିଶିଲା, ଆଉ ଗୋଟିଏ ଚଢ଼େଇ ଦେହରେ ଅଙ୍ଗାର ବୋଳିଦେବାରୁ ସେ ମୁଗୁନି ପଥର ପରି କଳା ଦିଶିଲା । ଅସୁରମାନେ କହିଲେ—ଯାଅ, ତୁମର ସେ ମାଦଳା ସୂର୍ଯ୍ୟଙ୍କୁ କହିଦେବ

Digitized by srujanika@gmail.com

ତା'ର ଆଦେଶ ମାନିବାକୁ ଆମେ ବାଧ୍ୟ ନହୁଁ । ଯେବେ ବେଶିକିଛି ସେ ବକ୍ ବକ୍ କରେ ନିଆଁ ଜାଳି ତାକୁ ମଧ୍ୟ ଆମେ ପୋଡ଼ିଦେବୁ । ତା'ର ଘୋଡ଼ା କଳଜାରେ ଭୋଜି ଖାଇବୁ ।

ପକ୍ଷୀ ଦୁଇଟି ସେ ରୂପ ନେଇ ଯାଇ ସୂର୍ଯ୍ୟଙ୍କ ନିକଟରେ ପହଞ୍ଚିଲେ । କହିଲେ—"ଅସୁରମାନଙ୍କର ସ୍ୱାର୍ଥପରତା ଏତେ ବଢ଼ି-ଯାଇଛି ଯେ ସେମାନେ ଆପଣଙ୍କ ଉପଦେଶ ଶୁଣିବା ପାଇଁ ରାଜି ନୁହଁନ୍ତି । ଆମକୁ କି ଦଶା ଦେଇଛନ୍ତି ଆପଣ ସ୍ୱଚକ୍ଷୁରେ ଦେଖନ୍ତୁ ।"

ଦୂତଙ୍କ ମୁହଁରୁ ସେକଥା ଶୁଣି ସୂର୍ଯ୍ୟ ଆଖିତରାଟି ଗୁଞ୍ଜିଲେ । ତାଙ୍କ ଆଖିରୁ ମୁଣ୍ଡାକୁ ମୁଣ୍ଡା ନିଆଁ ଝରିପଡ଼ିଲା । ସେ କହିଲେ "ଠିକ୍ ଅଛି, ମୁଁ ନିଜେ ଯିବି । ତୁମେ ଦୁହେଁ ମୋ ସଙ୍ଗରେ କେବଳ ଆସ ।" ଏତିକି କହି ସୂର୍ଯ୍ୟଦେବ ଗୋଟିଏ ଶ୍ରେଷ୍ଠ ପିଲା ରୂପରେ ପୃଥିବୀକୁ ଆସିଲେ । ଅସୁର-ମାନଙ୍କ ପ୍ରତି ଆଉ ଦୟା ମାୟା ନ ରଖି ସେ ସମସ୍ତଙ୍କୁ ଧରିନେଇ ରଥରେ ଠୁଳକଲେ । ତା'ପରେ ରଥକୁ ଆକାଶକୁ ଉଡ଼ାଇ ନେଇ ଗୋଟିକି ଗୋଟି ଅସୁର ସବୁକୁ ଗଡ଼ାଇଦେଲେ ତଳକୁ ।

ଦୁଲ୍‌ଦାଲ୍ କରି ଅସୁରସବୁ ତଳେ ପଡ଼ିଲେ । ଶ୍ରେଷ୍ଠ ଅସୁର-ଗୁଡ଼ିକ ତଳେପଡ଼ି ପାହାଡ଼ ପାଲଟିଗଲେ । ଆଉ ବଡ଼ ଅସୁରଗୁଡ଼ାକ ତଳେପଡ଼ି ପାଲଟିଗଲେ ପର୍ବତ ।

ସେଇଦିନଠୁଁ ଅସୁର ଏବଂ ମଣିଷମାନଙ୍କ ଭିତରେ ଲାଗିଥିବା ଲଢ଼େଇର ଅବସାନ ହେଲା । ଚାରିଆଡ଼େ ଭରିଗଲା ସୁଖ ଏବଂ ଶାନ୍ତି । ଏଥର ସୂର୍ଯ୍ୟ ସେ ଦୂତରୂପି ଚଢ଼େଇ ଦୁଇଟିଙ୍କୁ କହିଲେ—ତୁମେମାନେ ମୋର ବାର୍ତ୍ତା ନେଇ ଏଇ ପୃଥିବୀରେ ରୁହ । ମଣିଷମାନଙ୍କୁ ଗାଡ଼ନିଦ୍ରାରୁ ଜଗେଇବାର ଦାୟିତ୍ୱ ରହିଲା ତୁମ ଉପରେ । ତୁମେମାନେ ମଣିଷମାନଙ୍କୁ ଜଗେଇବ । ମୋର ଆଗମନର ବାର୍ତ୍ତା ସେମାନଙ୍କୁ ସୂଚେଇଦେବ । ସେମାନଙ୍କର ଦୁଃଖ ଅନ୍ଧାରବେଳେ ମୁଁ ପ୍ରତିଦିନ ଯାଇ ସେମାନଙ୍କୁ

Digitized by srujanika@gmail.com

ଆଲୋକର ପଥ ଦେଖାଇବ । ତାଙ୍କର ଜଳପୋଡ଼ ନଷ୍ଟ ହୋଇଥିବା ଗଛଲତାକୁ ନୂତନ ସବୁଜିମାରେ ଭରିଦେବ । ମୁଁ ଯେତେଦିନ ଯାଏ

[ପ୍ରକୃତିକୁ ସୂର୍ଯ୍ୟଙ୍କର ଆଲୋକ ପ୍ରଦାନ]

ସେମାନଙ୍କ ସାଥିରେ ରହିଛି ସେତେଦିନଯାଏ ତାଙ୍କର କୌଣସି ଅଭାବ କଷଣ ରହିବନି—

Digitized by srujanika@gmail.com

"ଆଲୋକର ବାର୍ତ୍ତାବହ
ତୁମେ ଦୁଇ ଚଢେଇ
ତୁମ ଲାଗି ଭାଜଅଛି
ଅସୁରଙ୍କ ବଢ଼େଇ
ଥାଅ ତୁମେ ନିଜ ସୁଖେ
ବୁଲୁଥାଅ ଦେଶେ ଦେଶେ
ଝିଲମିଲ ପର ତୁମ ଝଢ଼େଇ
ଆଲୋକର ବାର୍ତ୍ତାବହ
ତୁମେ ଦୁଇ ଚଢ଼େଇ ।"

ଅସୁରଙ୍କ ବିନାଶପରେ ପୃଥିବୀର ରଙ୍ଗସିନା ବଦଳିଗଲା; କିନ୍ତୁ ସେ ଚଢ଼େଇ ଦୁଇଟିର ରଙ୍ଗ ଆଉ ବଦଳିଲା ନାହିଁ । ତା' ଭିତରୁ ଯେଉଁ ଚଢ଼େଇ ଦେହରେ କଳା ପାଉଁଶ ବୋଳା ହୋଇଥିଲା—ସେ ରହିଗଲା କାଉହୋଇ, ଆଉ ଯାହା ଦେହରେ ଧଳାପାଉଁଶ ବୋଳା ହୋଇଥିଲା ସେ ରହିଗଲା ବଗହୋଇ । ସେଇ କାଳରୁ ସେ ଦୁଇପକ୍ଷୀ ସୂର୍ଯ୍ୟଙ୍କ ଆଗମନୀର ବାର୍ତ୍ତା ପ୍ରଚାର କରୁଛନ୍ତି ଏ ପୃଥିବୀରେ ।

□□□

ପଶ୍ଚିମ ଓଡ଼ିଶାର ଲଶଆ ଲୋକକଥା

(ଓଷା ବ୍ରତ ନାଚ ଗୀତକୁ ନେଇ)

ମଞ୍ଜିଟିଏ ଗଜାହୁଏ କେମିତି ?

(ଭେଜଲ)

"କାହାଁ ଭୁହିଁର ଅନ୍‌ମନ୍ ଭେଜଲ୍
କାହାଁ ଭୁହିଁର ଜନ୍‌ମନ୍
ହୋ କାହାଁ ଭୁହିଁର ଜନ୍‌ମନ୍
କାହାଁ ଭୁ ଭେଜଲ ଲହ ଅବତାରେଁ
ଆହୋ ଦେବୀ ଗାଙ୍ଗା··· ?"

"ମାଟି ମୋର ଅନ୍‌ମନ୍ ମାଟି ମୋର ଜନ୍‌ମନ୍
ହୋ ମାଟି ମୋର ଜନ୍‌ମନ୍
ଟୁକନ ସୁପଲ ଭେଜଲ ଲହିଁ ଅବତାରେଁ
ଆହୋ ଦେବୀ ଗାଙ୍ଗା ।"

"କାହାଁ କେ ଖାଭୁମାଟି କାହାଁକେ ଚଙ୍ଗୁରିଆ
ହୋ କାହାଁକେ ଚଙ୍ଗୁରିଆ
କାହାକେ ପିଲବାଇ ଭେଜଲ ଜଗୋଇଆ
ଆହୋ ଦେବୀ ଗାଙ୍ଗା ?"

"ରାଇଗଡ଼ କେ ଖାଭୁମାଟି ବରଗଡ଼କେ ଚଙ୍ଗୁରିଆ
ହୋ ବରଗଡ଼ କେ ଚଙ୍ଗୁରିଆ
ସମ୍ବଲପୁରକେ ପିଲବାଇ ଭେଜଲ ଜଗୋଇଆ
ଆହୋ ଦେବୀ ଗାଙ୍ଗା ?"

Digitized by srujanika@gmail.com

"ରଙ୍ଗୋ ମହଲେ ଦାଦା ଭୋଜଳ ବୁଡ଼ାଇଗେ
ଗା' ଭୋଜଲ ବୁଡ଼ାଇଙ୍ଗେ
ପଚଢ଼ ପିଠାଦେ ଦାଦା ଭୋଜଳ ସରେଇହୋ
ଆହୋ ଦେଙ୍କ ଗାଙ୍ଗା"

[ପଶ୍ଚିମ ଓଡ଼ଶା କୁମାରୀମାନଙ୍କର ଲଉଆ ଗୀତ]

"କା କର୍ ହୁଁ କୁମା ବେଠୀ ଭୋଜଲ ଜଗାଏ ହସ୍
ଓ ଭୋଜଲ ଜାଗା ଏ ହସ୍

Digitized by srujanika@gmail.com

କାକର୍ ହୁଁକୁମା ବେଟୀ ଭୋଜଲି ସରୋଇବେ
ଆହୋ ଦେବୀ ଗଙ୍ଗା ?"

"ଆଲ୍ହା କେ ହୁକୁମ୍ ଦାଦା ଭୋଜଲି ଜାଗାଏହଁ
ଗା ଭୋଜଲି ଜାଗା ଏହଁ
ଭଜଲ୍ କେ ହୁକୁମ୍ ଦାଦା ଭୋଜଲି ସରୋଇହଁ
ଆହୋ ଦେବୀ ଗଙ୍ଗା"

"ଏ ସୋଁ କେ ମନ ବେଟୀ ଖପୁଁାମେ ସରୋଇବେ
ଓ ଖପୁଁାମେ ସରୋଇବେ
ଫେର୍ ଢନ୍ ଆଞ୍ଚ ବେଟୀ ପଚଢ଼ ପିଠାଇଦେଁ।
ଆହୋ ଦେବୀ ଗଙ୍ଗା"

"ଖପୁାକେ ସେଚର୍ ବାଦା ଢୁରଆଲ୍ ବନ୍ଧ ହୋଁ।
ଗା ଢୁରଆଲ୍ ବନ୍ଧ ହୋଁ।
ଢୁରଆ କେ ସେଚର ଦାଦା ଗଲେସ ଏରେ ମରହୋଁ।
ଆହୋ ଦେବୀ ଗଙ୍ଗା"

"ଯମୁନା ତରସ୍ଥାମେଁ ପଚଢ଼ ପିଠା ଏନ୍
ହୋ ପଚଢ଼ ପିଠା ଏନ୍
ଯମୁନା ତରସ୍ଥା ମେଁ ଭୋଜଲି
ସର ଏନ୍
ଆହୋ ଦେବୀ ଗଙ୍ଗା"

"ଭୋଜଲି ସରୋଏବର୍ ଗାଁଏହେ ଦୁଲସ୍ଥ
ହୋ ଗଏ ହେ ଦୁଲସ୍ଥ
ବଛିଁବା ପକଡ଼ କେ ଲେ ଜାବେ ମୁରସ୍ଥ
ଆହୋ ଦେବୀ ଗଙ୍ଗା" ❋

Digitized by srujanika@gmail.com

[ଓଡ଼ିଶାର ଉପାନ୍ତ ଅଞ୍ଚଳ (କଣ୍ଡପଲ୍ଲ, ସମ୍ବଲପୁର ଜିଲ୍ଲା)ରୁ ନିଜେ ଯାଇ ଏ ଗୀତଟି ମୁଁ ସଂଗ୍ରହ କରିଥିଲି । ଲରିଆ ଭାଷାରେ ରଚିତ ଏ ଗୀତଟି ଭିତରେ ବିଜ୍ଞାନଭିତ୍ତିକ ସୁନ୍ଦର ଲୋକକଥାଟିଏ ଲୁଚି ରହିଛି । ଏ ଗୀତଟି ହେଉଛି ଲରିଆ ପିଲାଙ୍କର ସବୁଠାରୁ ପ୍ରିୟ କ୍ରୀଡ଼ାଗୀତ । କଟକ ଅଞ୍ଚଳରେ କୁଆଁରି ଝିଅମାନେ କୁମାର ପୂର୍ଣ୍ଣିମା ଦିନ ଯେମିତି ଜହ୍ନ ଓଷା କରନ୍ତି — ଜହ୍ନ ବୁଡ଼ା ହୋଇଯିବା ଆଗରୁ ବନ୍ଦାପନା ସାରି ଦିଅନ୍ତି, ସେମିତି ଲରିଆ ଜାତିର କୁଆଁରି ଝିଅମାନେ ଭେଜଲି ଓଷା କରନ୍ତି । ଧାନ ଗହମର ଗଜା ବୁଡ଼ା ହୋଇଯିବା ଆଗରୁ ସେମାନେ ତାକୁ ପୋଖରୀରେ ନେଇ ଝଟେଇ ଦିଅନ୍ତି । 'ଜନ୍ମାଷ୍ଟମୀ' ଠାରୁ କୁଆଁରି ଝିଅଙ୍କର ଏ ଖେଳ ଆରମ୍ଭ ହୋଇ 'ନୂଆଖାଇ' ଦିନ ଶେଷ ହୁଏ । ଶେଷଦିନ ଗାଆଁର ସମସ୍ତ ବାଳିକା ଏକଜୁଟ ହୋଇ ମଥା ଉପରେ ଗଜା ହୋଇଥିବା ଡାଲିଟିମାନ ଥୋଇ ଭୁଜମୀ ଚଉରା ନିକଟକୁ ଯାଆନ୍ତି । (ଡାଲିରେ ବାଲି, ମାଟି ଓ ଖତ ଦିଆହୋଇ ଧାନ, ଗହମ, ମୁଗ, ବିରି, ମକା, ଚଣା, ସୋରିଷ ଅନ୍ୟାନ୍ୟ ଏମିତି ସାତଗୋଟି ଶସ୍ୟକୁ ଗଜା କରାଯାଇଥାଏ ।) ତା'ପରେ ଭେଜଲି ଗୀତଟି ଗାଇ ଗାଇ ଚଉରା ଚାରିପଟେ ସାତଥର ବୁଲନ୍ତି । ଜନ୍ମାଷ୍ଟମୀ ଦିନଠାରୁ ଏ ଗୀତଟିକୁ ସେମାନେ ଘରେ ଅଭ୍ୟାସ କରିଥାନ୍ତି । ଭେଜଲିର ଦେବୀ ହେଉଛନ୍ତି ଗଙ୍ଗାମାତା ।]

ଏ ଗୀତର କଥା ହେଲା—

ବାଳିକାମାନେ ମା' ଗଙ୍ଗାଙ୍କୁ ଭେଜଲି ସମ୍ବୋଧନ କରି ପଚାରୁଛନ୍ତି—ହେ ମାତା ! ତୁମେ କେଉଁଠି କିପରି ଅବତାର ନେବ, ଆମକୁ କୁହ ?

ଗଙ୍ଗାମାତା ଫସଲର ଦେବୀ । ସେ ଏଇ ଅଳିଅଳି ଗେଲ୍‌ବସରି ଝିଅମାନଙ୍କୁ କହୁଛନ୍ତି— "ଚୁଙ୍ଗୁଡ଼ି (ଚଙ୍ଗୁଡ଼ିଆ) ଭିତରେ ପଡ଼ିଥିବା ବାଲି, ମାଟି, ଖତ ହେଲା ମୋର ଜନ୍ମସ୍ଥାନ । ହେ ସୁନ୍ଦରିଆ ଝିଅମାନେ, ମୁଁ ସେଇଠି ଅବତାର ନେବି ।"

Digitized by srujanika@gmail.com

ବାଳକାମାନଙ୍କର ଖୋସାରେ ଜାଭଜାଭିକା ଫୁଲ ଆଉ ପଣ । ଢୋଲ ମାଦଳର ତାଳେତାଳେ ସେମାନେ ନାଚୁଛନ୍ତି ଆଉ ପ୍ରଶ୍ନ କରୁଛନ୍ତି—"ମାତା, ଆମକୁ କୁହ ଯେ ତୁମେ କେଉଁମାଟିରେ ଅବତାର ନେବା କଥା କହୁଛ ? ସେ ଓଦାମାଟିର ସ୍ୱର୍ଗ ତୁମର କେଉଁଠି ? କେଉଁଠୁ ଆସିବ ସେ ମାଟି ? କେଉଁଠୁ ଆସିବ ସେ ଗୁଙ୍ଗୁଡ଼ ଏବଂ କଏ ତାକୁ ଲଗାଇବ ?"

ମାତା ଉତ୍ତର ଦେଉଛନ୍ତି—ହେ ସୁନାନାକି ଝିଅମାନେ, ଚଷାପୁଅର ଗେହ୍ଲିଆ ନାତୁଣୀମାନେ, ସେ ଖତମାଟି ଆସିବ ଗସ୍ପୁଗଡ଼ରୁ, ସେ ଗୁଙ୍ଗୁଡ଼ ଆସିବ ବରଗଡ଼ରୁ । ଆଉ ମଞ୍ଜି ଲଗେଇବାକୁ ଆସିବେ ସମ୍ବଲପୁରରୁ—"ପିଲବାଇ" ('ପିଲବାଇ' - ଅର୍ଥାତ୍ ସମ୍ବଲପୁରରେ ଯିଏ ପ୍ରଥମକରି ଏ ଗଜା ଲଗା ଆରମ୍ଭ କରିଥିଲେ—ଅଙ୍କୁରର ନଦ ଭଙ୍ଗେଇଥିଲେ) ।

ବାଳକାମାନଙ୍କର ମନ ଏଥର ବହୁତ ଖୁସି । ଖୁସିର ମୁଠାମୁଠା ଫୁଲ ଯେମିତ ଝରିପଡ଼ିଲା ଓଠରୁ । ସେମାନେ ଶସ୍ୟ ବୁଣିଲେ । ଜଳର ଅର୍ଘ୍ୟ ଦେଲେ । ପ୍ରତିଟି ସନ୍ଧ୍ୟାରେ ଆରତି କଲେ । ସବୁ ଠିକ୍ ହେଲା ।

ଏହିପରି ପନର କୋଡ଼ିଏ ଦିନେ ଶସ୍ୟ ଗଜା ହୋଇ ଗଛ ହେଲା । ପତରରୁ ଦୁ' ପତର । ଦୁ' ପତରରୁ ଚାରିପତର । ସବୁଜମାରେ ଶୁଆପକ୍ଷିଆ ଲହଡ଼ି ଖେଳିଲା ଚାରିଆଡ଼େ ।

ଏଥର ଏଇ କଅଁଳ କଅଁଳ କୁଆଁରି ଝିଅମାନେ ବାପାଙ୍କ ନିକଟରେ ଯାଇ ଅଳି କଲେ—ବାପାଗୋ, ଆମକୁ ବତେଇଦିଅ, ହେଜଳ ମାତାଙ୍କୁ ନେଇ ଆମେ କେଉଁଠି ଉଖେଇବୁ ? ଦେଖନା ବାପା, ଏ ଗଜାଗୁଡ଼ିକୁ ! କେମିତି ଶାଗୁଆ ଶାଗୁଆ କଅଁଳ ଛନଛନ

Digitized by srujanika@gmail.com

ହୋଇଛୁ । ଟିକଏ ହେଲେଇ ହେଲେ ଏ ବୁଢ଼ା ହୋଇଯିବ ଗୋ ବାପା, ତେଣିକି ଆମ କପାଳରେ ଖାଲି ବୁଢ଼ାବର ··

[କୁଆଁରୀ ଝିଅଙ୍କର ବାପାଙ୍କ ନିକଟରେ ଅଛି]

ସେତେବେଳେ ରାଜା ମହାରାଜା, ଜମିଦାରଙ୍କ ସମୟ । କଥା ପଦକରେ ମଥା ଉଡ଼ିଯିବ ବେକରୁ । ବୃଷବନ୍ଦୀ ବାପାର··· ଲକ୍ଷେ

Digitized by srujanika@gmail.com

ବଅଁ ଦେବତାଙ୍କୁ ଯେତିକ ଡର ନୁହେଁ—ସେତିକେ ଡର ଏ ରଜା ମହାରଜାମାନଙ୍କୁ । (ଏ ଘଟଣା ଯେଉଁ ସମୟର ସେତେବେଳେ ଓଡ଼ିଶା ସ୍ଵତନ୍ତ୍ର ପ୍ରଦେଶ ହୋଇନଥିଲା । ମୁଁ ଯେଉଁ ଅଞ୍ଚଳରୁ କଥାଟି ସଂଗ୍ରହ କରିଛି ସେ ଅଞ୍ଚଳ ମଧ୍ୟପ୍ରଦେଶର ଛତିଶଗଡ଼ ଅଞ୍ଚଳରେ ମିଶିକ ଥିଲା) ଏଇ ବୁଲ, ସୁଟୁବୁଇ, ସୁଟୁନନ ସଭିଙ୍କୁ ଡରେଇ ଦେବାକୁ ପାଇଁ ବାପା କହିଲେ—ହେ କୁନକୁନ ସୁଟୁନନମାନେ, କଅଁଳିଆ କୁଆଁରୀ ଝିଅମାନେ, ତୁମ୍ଭେମାନେ କାହାର ଆଦେଶରେ ଏ ଜ୍ଞେଜଲ ଜଗାଇଛ ? ଅର୍ଥାତ୍ ଗଛ ରୋପିଛ; ପୁଣି କାହାର ହୁକୁମ୍‌ରେ ଏ ଗଛକୁ ଉଦ୍ଖେଇ ଦେବାକୁ ବସିଛ ? ଜାଣିଛଟି ଆମ ମହାରାଜାଙ୍କର କେତେ ପ୍ରତାପ ?

ଟୁକେଲମାନେ କହିଲେ—ଜାଣୁ ଗୋ ବାପା, ସେଥିପାଇଁ ତ ଆମେ ଆହ୍ଲା (ଆହ୍ଲା ହେଉଛନ୍ତି ଛତିଶଗଡ଼ ଅଞ୍ଚଳର ଜଣେ ପ୍ରତାପ-ଶାଳୀ ରଜା)ଙ୍କ ହୁକୁମରେ ପେଡ଼କୁ ଜଗାଇଛୁ ଏବଂ ରଜାଙ୍କର ସାନଭାଇ ଉଜଲଙ୍କର ହୁକୁମରେ ପେଡ଼କୁ ଝଡ଼େଇବାକୁ ଯାଉଛୁ ।

ବାପା ଏଥର ବେପରୁଆ । ତାଙ୍କ ମନରେ ଆଉ ଡରଭୟ ନାହିଁ । ମେଞ୍ଚ ମୋଡ଼ ମୋଡ଼ ସେ କହିଲେ—"ଠିକ୍ ଅଛି, ବୁଇମାନେ ଏ ବର୍ଷଟା ତୁମେ ଯେମିତ ପାର ସେମିତ ଜ୍ଞେଜଲମାତାଙ୍କୁ ଉଝେଇ ଦଅ । ଆର ବର୍ଷକୁ ମୁଁ ବନ୍ଧଘାଟରେ (ପୋଖରୀ ତୁଠରେ) ତୁମ ଜ୍ଞେଜଲମାତା ଓହ୍ଲାଇବା ପାଇଁ ବେଢ଼ା ତିଆର କରିଦେବି । ଗୋଟିକଗୋଟି ପାହାଚ ତିଆର କରିଦେବି ।"

ଟେହ୍ଲିଆ ଝିଅମାନେ ଦେଖିଲେ—ବାପା, ତାଙ୍କର ଏତେ ବଡ଼ ଶ୍ରଦ୍ଧାର ଖେଳଟିକୁ ହେୟଜ୍ଞାନ କରୁଛନ୍ତି । ଜ୍ଞେଜଲମାତାଙ୍କୁ ଇଏ କମ୍ ବଡ଼ ଅପମାନ ନୁହେଁ । ନା—ସେମାନେ ବଞ୍ଚି ଥାଉଥାଉ ସେକଥା କରିବାକୁ ଦେବେନ । ମନରେ ଯଦି ଏମିତ କଥା ଅଛି ଆମେ ଯାଉଛୁ ଜ୍ଞେଜଲମାତାଙ୍କୁ ଶୀତକୁଡ଼ରେ ପକେଇଦେବୁ—ଆଉ ନଜେ ମଧ୍ୟ ମରିଯିବୁ । ବାପାଙ୍କ ଜୀବନରେ ରଖିଦେଇ ଯିବୁ ଆମର ଶ୍ରେଷ୍ଠଶ୍ରେଷ୍ଠ ପାଦଚିହ୍ନ... । ସବୁଦିନେ ଭାଙ୍ଗୁଥିବେ ବସି ।

Digitized by srujanika@gmail.com

ବାଳିକାମାନଙ୍କର ଏ ଅଭିମାନ ନିକଟରେ ବାପାଙ୍କର କୌଣସି ଯୁକ୍ତି ଆଉ କାମ ଦେଲିନି । ସେ ଶେଷକୁ ଅନ୍ୟ ଉପାୟ ନ ପାଇ ଯମୁନା ଘାଟରେ (ଗାଆଁ ପୋଖରୀରେ) ପାହାଚ କରିଦେଲେ । କୁଆଁରୀ ଝିଅମାନେ କଅଁଳଚଳା ବୁଢ଼ା ହେବା ଆଗରୁ ଭୋଜଳିମାତାଙ୍କୁ ମଥାରେ ବୋହିନେଇ ପାଣିରେ ବିସର୍ଜନ କରିଦେଲେ ।

ସେଇଦିନଠାରୁ ପ୍ରତିବର୍ଷ ଝିଅମାନେ ଭୋଜଳିବ୍ରତ ପାଳନ କରୁଛନ୍ତି । ଭୁଙ୍ଗୁଡ଼ିକୁ ମଥା ଉପରେ ଥୋଇ ନାଚନାଚ ଗାଉଛନ୍ତି—

"କାହାଁ ଭୁହିଁର ଅନ୍‌ମନ୍‌ ଭୋଜଳି
କାହା ଭୁହିଁର ଜନ୍‌ମନ୍‌
କାହାଁ ଭୁ ଭୋଜଳି ଲିହ ଅବତାରେଁ
ଆହୋ ଦେୱୀ ଗାଙ୍ଗା"

ଏ ବ୍ରତରେ ସବୁଠୁଁ ବଡ଼ ବିଶେଷତ୍ୱ ହେଉଛି—ଝିଅଟିଏ ଭୋଜଳିମାତାଙ୍କୁ ବିସର୍ଜନ କରି ଆସିବା ପରେ ତା'ର ବୟସର ଆଉ ଗୋଟିଏ ଝିଅ ହାତରେ ଭୋଜଳି ବସେ । ସେଇଦିନୁ ସାରା ଜୀବନ ପାଇଁ ସେଇ ଝିଅଟିକୁ ସେ 'ଭୋଜଳି' କିମ୍ବା ଗଜାମୁଗ ବୋଲି ଡାକେ । ଗଜାମୁଗ ପରି ବନ୍ଧୁତ୍ୱ ସେଠାରେ ଚିର ଜୀବନ୍ତ । ଚିର ସବୁଜ !

ଟିପ୍ପଣୀ :

ଏହାର କଥାବସ୍ତୁ ଓ ଗୀତ ମୁଁ କଣ୍ଡପଲ୍ଲୀ ଗାଆଁର କଳାଶୋଭା ନାୟକ, ହିସ୍ମିତା ସାହାଣୀ, ଗଜାନନ ପଟେଲ, କନକଲତା ମିଶ୍ରଙ୍କଠାରୁ ସଂଗ୍ରହ କରିଥିଲି ।

□□□

Digitized by srujanika@gmail.com

ମମତାର ନଈ

ଆକାଶରେ କେବଳ ତାରାମାନେ ଝକ୍ ଝକ୍ କରୁଥିଲେ । ଅମାବାସ୍ୟାର କଳା କଚିମିଚି ରାତିଟା ଗୋଟାଏ କଳାବାଘ ପରି ଗର୍ଜୁଥିଲା । ଆଜି ରାତିରେ ଯେମିତି ହେଲେ ଗୋଟାଏ ମୁଣ୍ଡ ନେବ ସେ ।

ପିଲାଟିକୁ ଭୀଷଣ ଜ୍ୱର । ତାକୁ ଘେରି ବସିଥାନ୍ତି ତା'ର ବାପା ଏବଂ ମାଆ । ଗୁଣିଆ ଝାଡ଼ିବାରେ ଲାଗିଥାଏ—

"ଆଃ—ଫୁ··· ଆଃ—ଫୁ···
ବାଘ ମୁଣ୍ଡେ ଡମ୍ବରୁ ଭାଲୁ ମୁଣ୍ଡେ ଘୁଇ···
କାଇଁ ଯାଉଛେ ବୁଢ଼ୀ ଡାଆଣୀ ବାଟ ନପାଇ
ଛାଡ଼ ଛାଡ଼ ବୋଲି କାହାର ଆଜ୍ଞା
ମୋ ସମୁଧି ସମୁଦୁଣୀଙ୍କର କୋଟିକୋଟି ଆଜ୍ଞା···
ଆଃ ଫୁ···"

ଏମିତି ଝାଡ଼ଝାଡ଼ ଗୁଣିଆ ଥକିଗଲା । ପିଲାଟିକୁ ଭୋଇଦେବା ପାଇଁ କେତେ ପ୍ରକାର ଚେରମୂଳ ଦେଲା । କେତେ ଦିଅଁ ଦେବତାଙ୍କୁ ଛେଳି କୁକୁଡ଼ା ବଳି ଯାଚିଗଲା—କିନ୍ତୁ କାଇଁରେ ହେଲେ ପିଲାଟିକୁ ଜ୍ୱର ଛାଡ଼ିଲାନାହିଁ ।

ମାଆ ତା'ର ସେମିତି ତାକୁ କୋଳରେ ଧରି ବସିଥାନ୍ତି । ମୋ' ଗଣ୍ଠି ଧନ, ରଙ୍କୁଣିଥାନ କାନ୍ଦି ବିକଳ ହେଉଥାନ୍ତି । କପାଳରେ ଆଙ୍କି ଦେଉଥାନ୍ତି ମମତାଭରା ବାତ୍ସଲ୍ୟ ଚୁମ୍ବନ···

ଶେଷକୁ ଅନ୍ୟ ଉପାୟ ନଦେଖି ସବୁଠୁଁ ବଡ଼ ଗୁଣିଆକୁ ଡାକିବାକୁ ଗଲେ ବାପା । ଏତେ ରାତିରେ ଆସିବା ପାଇଁ ମଙ୍ଗୁ ନଥିଲା ସେ ଗୁଣିଆ । ଯାହା ହେଉ କଥା ରଖି ସେ ରାଜି ହେଲା ।

Digitized by srujanika@gmail.com

ଆଗେ ଆଗେ ଗୁଣିଆ ।
ପଛେ ପଛେ ବାପା ।

[ଗୁଣିଆ ପିଲଟିକୁ ଝାଡ଼ୁଛି]

ପିଲ୍‌ଟିର ଜୀବନ ସଂକଟାପନ୍ନ । ଖୋପାଖପ୍ ପାଦପକେଇ ଜଙ୍ଗଲ ରାସ୍ତାଦେଇ ଚାଲୁଥାନ୍ତି ସେମାନେ । ହଠାତ୍ ରାସ୍ତା ମଝିରେ ଅଟକ ଗଲେ ଦୁହେଁ ।

Digitized by srujanika@gmail.com

କି କଥା କ'ଣ ? ଦିନେ ନାହିଁ କାଲେନାହିଁ – ଏ ଯିବା ଆସିବା ବାଟରେ ନଈଟା ଏ ଆସିଲା କୁଆଡ଼ୁ—?

ନଈ ତ ନଈ ପୁଣି ନଈରେ ଅକାତକାତ ପାଣି । ଦୁଇକୂଳ ଖାଇ ଉଛୁଳୁଛି । କେଳକୁ ବେଳ ନଈଟା ଯେମିତି ବଢ଼ୁଛି ସେଥିରେ ପଶି ପାରହେବା ଏତେଟା ସହଜ ନୁହେଁ । ତା' ସହିତ ଅନବରତ ବେଗରେ ଝଡ଼ତୋଫାନ ମଧ୍ୟ ବହୁଥାଏ···

ପୁଅଟିର ବାପା ଅନ୍ୟ ଉପାୟ ନଦେଖି ତଳେ ବସି 'ଡ଼ୁ' କନା ମୁଣ୍ଡ ପିଟିଦେଲେ । ମୋ' ପୁଅର କ'ଣ ହେବ କହି କାନ୍ଦ ବାଡ଼େଇ ହେଲେ ।

ଗୁଣିଆ ତାଙ୍କୁ ସାନ୍ତ୍ୱନା ଦେଲା । ତଥାପି ବାପାଙ୍କ ମନ ବୁଝିଲାନି । ସେ କହିଲେ—"ଭାଇ, ଏ ଅଘଟଣ ଦେଖି ମୋର ମନ କହୁଛି—ପୁଅ ମୋର ଆଉ ଜୀବନରେ ନାହିଁ । ଏଠୁ ଯାଇ ମୁଁ ତାକୁ ଆଉ ଜୀବନରେ ଦେଖିବି, ଏ ଆଶା ମୋର ନାହିଁ । ତୁମେ ଅଯଥାରେ ରାତିସାରା ମୋ ପାଖରେ ଏଠି ପଡ଼ିରହିବ କାହିଁକି, ତୁମେ ଘରକୁ ଫେରିଯାଅ···। ବଢ଼ି ଛାଡ଼ିଲେ ମୁଁ ନଈ ପାରହୋଇ ଘରକୁ ଯିବି ।

ଗୁଣିଆ କଥା ମାନି ସେଉଠୁ ଫେରିଗଲା । ରାତିପାହାନ୍ତା ବେଳକୁ ଧୀରେ ଧୀରେ ପାଣି ଛାଡ଼ିଲା । ବାପା ନଈପାରହୋଇ ଘରକୁ ଆସିଲେ ।

ତାଙ୍କ ଅନୁମାନ ସତ୍ୟ । ଆସିଲାବେଳକୁ ଏକୋଇରବର୍ଷା ବଣିକେଶନ ତାଙ୍କର ମରିଯାଇଥିଲା । ତାକୁ କୋଳରେ ଧରି ମାଆ ଯେମିତି କାନ୍ଦିବାରେ ଲାଗିଥିଲେ । ତାଙ୍କର କୋହ ଏବଂ ଦୀର୍ଘଶ୍ୱାସରୁ ସୃଷ୍ଟି ହୋଇଥିଲା ଝଡ଼ବତାସ ଏବଂ ଲୁହରୁ ସୃଷ୍ଟି ହୋଇଥିଲା— ସେ ନଈ ।

Digitized by srujanika@gmail.com

ବାପା ଏଥର ସବୁଯାକ ଦୋଷ ମାଆଙ୍କ ମୁଣ୍ଡରେ ଅଜାଡ଼ ଦେଲେ—"ତୁ କ'ଣ କଲୁ ହତଭାଗିନୀ, ତୋ'ରି ଯୋଗୁ ପୁଅ ମୋର ଆଜ ମଲା । ତୁ ନ କାନ୍ଦିଥିଲେ ଏ ନଈ କାହିଁକି ସୃଷ୍ଟି ହୋଇଥାନ୍ତା ନା ମୋ ପୁଅ କାହିଁକି ମରିଥାନ୍ତା ? ମୁଁ ତ ଗୁଣିଆକୁ ଧରି ଆସୁଥିଲି । ସେ ପୁଅକୁ ମୋର ଭଲ କରି ଦେଇଥାନ୍ତା ।

ମାଆ ଆଖିରୁ ଲୁହ ପୋଛି ଉତ୍ତର ଦେଲେ—"ମୋତେ ତୁମେ ମିଛରେ ଭୁଲ୍ ବୁଝୁଛ । ଏଥିରେ ମୋର ଟିକେ ହେଲେ ବି ଦୋଷ ନାହିଁ । ପୁଅ ମୋର ଯେତେବେଳେ ମରିଗଲା, ମୋ' ମଥାରେ ଆକାଶ ଛିଡ଼ି ପଡ଼ିଲା । ମୁଁ କେମିତି ତୁନି ପଡ଼ିଥାନ୍ତି କହିଲ ? କାନ୍ଦି କାନ୍ଦି ସବୁ ଲୁହ ପିନା ମୁଁ ସାରିଦେଲି—କିନ୍ତୁ ମୋର ପୁଅକୁ ତ ଫେରି ପାଇଲିନି ।"

ବାପାଙ୍କର କହିବାଲାଗି ଆଉ କିଛି ନ ଥିଲା । ପୁଅ ପିନା ତାଙ୍କର ଆକାଶର ତାରା ହେବାକୁ ଚାଲିଗଲା, ମାତ୍ର ତା'ରି ଯୋଗୁ ଯେଉଁ ମମତାର ନଈ ସୃଷ୍ଟି ହେଲା ସେ ବଣରେ—ସେ ସବୁଦିନକୁ ରହିଗଲା ସେଠି । ପୁଅ ବଞ୍ଚିଥିଲେ ବୁଢ଼ାବୁଢ଼ୀ ଦିହଙ୍କୁ ତାଙ୍କ ପାଖିରେ କେଉଁଠୁ ଆଣି ଚୋପାଣି ଟୋକେ ଦେଇଥାନ୍ତା··· । ପୁରନ୍ତବେଳକୁ ପୋଷିଥାନ୍ତା । ଏବେ ସେ ପୁଅ ତାଙ୍କୁ ନଈ ହୋଇ ପୋଷିବ । ତାଙ୍କରି ପରି କେତେ ବାପ ମାଆଙ୍କ ମୁହଁରେ ଟୋକ ଦେବ । ଲୋକଙ୍କର ଉପକାର କରିବ । ଏମିତି ମନକୁ ବୁଝେଇ ସେମାନେ ରହିଲେ ।

ଆଦିବାସୀମାନେ ବିଶ୍ୱାସ କରନ୍ତି ସେଇଦିନଠାରୁ ମାଆର ଲୁହରୁ ସୃଷ୍ଟି ହୋଇଛି ଏ ନଈ । ମାଆର ମମତାରୁ ବହିଆସିଛି ଏ ନଈ । ତାଙ୍କ ମତରେ ମାଆର କୃପାରୁ ଏ ସଂସାର । ମାଆ ନଥିଲେ ମଣିଷ ଜାତିର ସାହା ହେବାକୁ କେହି ନଥାନ୍ତା । ମାଆର ହସ ଯେମିତି ଶୁଖିଲା ଡାଳରେ ଫୁଲ ଫୁଟାଏ ମାଆର ଲୁହ ସେମିତି ମରୁଭୂଇଁରେ ନଈ ଛୁଟାଏ । ତା'ର ହସଠୁ ଲୁହଯାଏ, ସ୍ନେହଠାରୁ ମମତା ଯାଏ··· ସବୁ ହେଉଛି ସନ୍ତାନ ପାଇଁ ଗୋଟିଏ ଗୋଟିଏ ସ୍ୱର୍ଗ । ଏ ଦୁନିଆକୁ ଭଗବାନଙ୍କର ସବୁଠାରୁ ବଡ଼ ଦାନ ହେଉଛି—ମାଆ ।

□□□

Digitized by srujanika@gmail.com

ମଣିଷ ହେବାଠାରୁ ଘୁଷୁହେବା ଭଲ

ସୁନା ହେଉଛି ଗୋଟିଏ ମଇଁଷିଆଳର ସ୍ତ୍ରୀ । ନାଆଁଟା ଯିନା ସୁନା କିନ୍ତୁ କପାଳ ତା'ର ଚୂନା ।

ସ୍ୱାମୀ ସ୍ତ୍ରୀ ଦୁହେଁ ଗୋଟିଏ ମହାଜନ ଘରେ ଗୋତି ଖଟନ୍ତି । ସ୍ୱାମୀ ଯାଏ ମଇଁଷି ଚରେଇ । ସୁନା ଯାଏ ଦୁଧଦହି ବିକି । ସକାଳୁ ସଞ୍ଜ ଯାଏ ହାଡ଼ଭଙ୍ଗା ଖଟଣିର ଶେଷ ନଥାଏ । ଲକ୍ଷେ ଟଙ୍କାର ଜୀବନକୁ କେବଳ ମୁଠାଏ ଭାତ ପାଇଁ ଏମିତି ସେମାନେ ବିକି ଦେଇଥାନ୍ତି ପର ପାଖରେ !

ଯେତେ ଖଟିଲେ କ'ଣ ହେବ ସେ ମହାଜନଟା ଅତ୍ୟନ୍ତ ନିର୍ମମ ଏବଂ ଅମାନୁଷିକ ପ୍ରକୃତିର ଲୋକ । ତା' ହୃଦୟରେ ଟିକେ ହେଲେବି ଦୟାମାୟା ନଥାଏ । ଦୁଃଖୀ ନିର୍ଯାତିତଙ୍କ କଷ୍ଟ ଦେଖି ତା'ର ଅନ୍ତରାତ୍ମା କେତେବେଳେ ହେଲେ ବିଳପି ଉଠେନି । ତା'ର ବିବେକ ଦେବତା ବୋଧହୁଏ ମୃତ—ନହେଲେ ସେ ସ୍ଥାନରେ ସଇତାନ ବିଜେ କରୁଛି । ସେ ସେମାନଙ୍କ ଖଟଣିକୁ ବୁଝି ଭଲକରି ମୁଠେ ଖାଇବାକୁ ଦିଏନି । କେବେ ଉଁ ଚୁଁ କଲେ ଆଖି ବୁଜି ଗୋରୁଗାଈ ପରି ପିଟି ଦେଇଯାଏ । ସୁନା ଏବଂ ମଇଁଷିଆଳ ସେ କଷ୍ଟକୁ କୌଣସି ପ୍ରକାରେ ସହିଯାଆନ୍ତି । କିନ୍ତୁ ତାଙ୍କ ଘରେ ଯେଉଁ ପିଲାମାନେ ଅଛନ୍ତି ସହିପାରନ୍ତି ନାହିଁ ସେମାନେ । ବଣର କନ୍ଦା ଫଳ ଖାଇ ବଞ୍ଚନ୍ତି ସେମାନେ । ତାଙ୍କ ଜୀବନରେ ପେଟପୂରି ଆହାର ମୁଠେ କେଉଁଦିନ ଜୁଟିନି । ସୁଖ ଯଦି ତାଙ୍କ ଭାଗ୍ୟରେ ଥାଆନ୍ତା ସେମାନେ ଏମିତି ଶଉର ଘରେ କାହିଁକି ଜନ୍ମ ହୋଇଥାନ୍ତେ ?

Digitized by srujanika@gmail.com

ଏମିତି ଏମିତି ଦୁଃଖ କଷ୍ଟ ସହି ନ ପାରି ସୁନାର ଦୁଇଟି ପୁଅ ଗୋଟିଏ ଝିଅ ଅକାଳରେ ମରି ଶୋଇଲେ । ଆଉ ଥାଏ ଗୋଟିଏ ପୁଅ । ସିଏ ବି ରୋଗରେ ସଢ଼ୁଥାଏ । ଗୁଣିଆ ଡାକିବ ବୋଲି ପଇସା ଅଧଲା ପାଇଁ ସୁନା ସେଦିନ କେତେ କରି ନେହୁରା ହେଲା ମହାଜନ ପାଖରେ । ମଣିଷକୁ କେବଳ ମାରିବା ଛଡ଼ା, ବଞ୍ଚେଇବା ଜାଣେନା ସେ ମହାଜନ । ସେ ଗୋଟିଏ ଲମ୍ବବାଡ଼ି ଧରି ଗୋଡ଼େଇ ଆସିଲା ସୁନାକୁ—"ପୁଅଟା ତ ମରିଯିବ ଯାଉ । ମୋର ଧନସମ୍ପତ୍ତି ଉଣା କରି ତୋର ପୁଅକୁ ମୁଁ ବଞ୍ଚେଇ ପାରିବିନି ।"

ସୁନ୍ଦର ଏ ପୃଥିବୀରେ ଏମିତି ନିଷ୍ଠୁର ଲୋକ ଥାଇପାରନ୍ତି ସୁନା ସେଇଦିନ ଭଲଭାବେ ଜାଣିଲା ଏ କଥା । ମଣିଷ ଉପରୁ ତା'ର ସ୍ନେହଶ୍ରଦ୍ଧା ସବୁ ତୁଟିଗଲା ।

ସବୁଦିନ ପରି ସେଦିନ ମଧ୍ୟ ସେ ଗଲା ଦୁଧ ଦହି ବିକି । କେତେ ଗାଆଁ ଗଣ୍ଡା ସେ ବୁଲିଲା । ଜାଙ୍ଗୁଲୁ ଜାଙ୍ଗୁଲୁ ରାସ୍ତା ଥାଉ ଥାଉ ସେ ଯାଇଥିଲା । ଫେରିଲାବେଳକୁ ସୂର୍ଯ୍ୟ ମୁଣ୍ଡ ଉପରୁ ଡଳିଲେଣି ।

ଜଙ୍ଗଲ ଦେଇ ସେ ସେମିତି ବୁଲୁଥାଏ । ଆହୁରି କେତେ ବାଟ ଅଛି କେଜାଣି ? ସୁନା ଭୋକଶୋଷରେ ଆଉଟୁପାଉଟୁ ହୋଇ ଗୋଟିଏ ଝରଣା ପାଖକୁ ଗଲା । ସେ ଝରଣାର ପ୍ରକୃତି ତ ମହାଜନ ପରି ଏତେ କୁତ୍ସିତ ନୁହେଁ—ବୁଝିବା ମାତ୍ରକେ ସେ ତାକୁ ଆଞ୍ଜୁଳା ଆଞ୍ଜୁଳା କରି ଢେର ଆଞ୍ଜୁଳା ପାଣି ଦେଲା ପିଇବାକୁ ।

ଝରଣାରୁ ପାଣି ପିଇ ସୁନା ଗୋଟିଏ ଗଛମୂଳେ ବସିଲା । ଏତିକିବେଳେ ଶୀତଳ ପବନ ବହିଆସି ତାକୁ ଚଞ୍ଚିବାକୁ ଲାଗିଲା । ଗୁଣ୍ଡୁଚିମୂଷା, ଠେକୁଆ, ଶତାବାଘ ସବୁ ଆସି ତା'ର ଚାରିପାଖରେ ବେଢ଼ିଗଲେ । ତା' ଦେହରେ ଘଷି ହେଲେ । ସୁନାର ମନେହେଲା ମଣିଷମାନଙ୍କଠାରୁ ବଣଜଙ୍ଗଲର ଏ ପଶୁଗୁଡ଼ାକ ସତରେ କେତେ ଭଲ ।

Digitized by srujanika@gmail.com

କେତେ ଭଲ ପାଆନ୍ତି ସେମାନେ ତାକୁ । ମୁଣ୍ଡ ଉପରେ ବିଷଧର ସାପଟିଏ ଝୁଲି ପଡ଼ୁଛି ଗଛ ଉପରୁ । କାମୁଡ଼ି ଦେବକି ? ଦେଲେ ବି ଦୁଃଖ ନାହିଁ । ଏମାନଙ୍କର ଯେଉଁ ବିଷ ଅଛି ତାହାଠାରୁ ଆହୁରି

[ସୁନା ଗୃହପଟେ ପଶୁମାନେ]

ଭୟଙ୍କର ସେଇ ନିର୍ଦ୍ଦୟଲୋକଙ୍କ କାମୁଡ଼ାରେ ଯେଉଁ ବିଷ ! ଏ ମଣିଷଖିଆ ସାପ ବାଘଠାରୁ ଆହୁରି ହିଂସ୍ର ହୋଇଛନ୍ତି ସେ ମଣିଷମାନେ ।

Digitized by srujanika@gmail.com

ବୃକ୍ଷମାନେ ଏଠି କେଡ଼େ ସୁନ୍ଦର ଭାଷାରେ କଥାବାର୍ତ୍ତା କରୁଛନ୍ତି । ଝରଣାମାନେ ଏଠି କେତେ ସୁନ୍ଦର ଗୀତ ବୋଲି ମନର ଦୁଃଖକୁ ଲାଘବ କରୁଛନ୍ତି । ସୁନା ଯେମିତି ସେଇମାନଙ୍କ ଭିତରେ ନିଜକୁ ହଜାଇ ଦେଲା କିଛି ସମୟ ପାଇଁ । ତା'ର ମନେ ହେଲା ପିଇବାଲାଗି ଏଠି ଜଳର ଅଭାବ ନାହିଁ—ଯେମିତି ଖାଇବା ଲାଗି ଯଦି ଭଲ ଜିନିଷ କିଛି ମିଳନ୍ତା, ତା'ହେଲେ ଏ ବଣ ଛାଡ଼ି ସେ ଆଉ ସେ କୁତ୍ସିତ ମଣିଷ ସମାଜକୁ ଯାଆନ୍ତାନି ।

ଏଇ ସମୟରେ ତା' ସାମ୍ନାରେ ଦୁଇ ଗୁଚ୍ଛି କଳା ମୁଚ୍ ମୁଚୁ ଜାମୁକୋଳି ପଡ଼ିଲା । ସୁନା ଜାଣି ନଥିଲା ତା'ର ମାହାତ୍ମ୍ୟ । ପେଟ ଭିତରେ ତ ଭୋକ ପଶି କରାଣ୍ଡି ମାରୁଛି ତା'କୁ । ତେଣୁ ଅସହ୍ୟ କ୍ଷୁଧାରେ ଏ କ'ଣ କେମିତି ଲାଗେ ବୋଲି ଭାବି ସେ ଗୋଟିଏ କୋଳି ନେଇ ପାଟିକି ପକେଇଦେଲା । ଆଃ ଅମୃତଠାରୁ ବଳି ସୁସ୍ୱାଦୁ ସେ କୋଳି !!

ସୁନା ଉପରକୁ ଚାହିଁଲା । ଗଛରେ ଏପରି ଥୋପ ଥୋପ ହୋଇ ଅସଂଖ୍ୟ କୋଳି ପାଚିଛି । ଆଉ କ'ଣ ତାର ମନହେବ ଘରକୁ ଫେରିବାକୁ ?

ସେ ସେଇଠି ମହାପ୍ରଭୁଙ୍କୁ ଡାକ ଦେଲା—"ହେ ମହାପ୍ରଭୁ ! ଜୀବନରେ ଅନେକ ଦୁଃଖକଷ୍ଟ ସହିଲିଣି ହେଲେ ଆଉ ଏଣିକି ନୁହେଁ । ମଣିଷର ଅମଣିଷପଣିଆ ସହ ଯୁଦ୍ଧ କରି ମୋର ଆଉ ବଞ୍ଚିବାକୁ ଟିକେ ହେଲେ ବି ଇଚ୍ଛା ନାହିଁ । ମୋ' ଜୀବନର ଆରମ୍ଭରୁ ଏ ପର୍ଯ୍ୟନ୍ତ ଯାହା ଦେଖି ଆସିଲି ମଣିଷ ହେଉଛି ମଣିଷର ସବୁଠାରୁ ବଡ଼ ଶତ୍ରୁ । କାହାର ଶିରୀ ସେ ଦେଖିପାରେନା । କାହାର ଭଲ ତା' ଆଖିରେ ଯାଏନା । ସେମାନଙ୍କ ତୁଳନାରେ ଏ ବଣ ଜଙ୍ଗଲର ଜୀବଜନ୍ତୁ ଗଛଲତା ଢେର ଭଲ । ଏଠି କେହି କାହାକୁ ବିନା କାରଣରେ ଦଣ୍ଡେ ନାହିଁ । ଲୁଟେ ନାହିଁ । ଖୋସାମତ କରେ ନାହିଁ । କାହାର ଦୁଃଖକଷ୍ଟ ଦେଖି କେହି କାହାକୁ ଉପହାସ କରେନାହିଁ । ଏମିତି ଏକ ସୁନ୍ଦର ଦୁନିଆ ଥାଉ

Digitized by srujanika@gmail.com

ଥାଉ ମୋର ଆଉ ସେ କୁତ୍ସିତ ମଣିଷସମାଜ ଭିତରକୁ ଯିବାକୁ ଇଚ୍ଛା ହେଉନ । ପ୍ରକୃତରେ ତୁ ଯଦି ଅଛୁ ତେବେ ଗୋଟିଏ କଥା କର, ଦୟାକରି ତୁ ମଣିଷ ଅପେକ୍ଷା ମୋତେ ଗୋଟିଏ ପଶୁ କରିଦେ । ମୁଁ ଏଇ ବଣରେ ଥିବି । ଏଇ ଜାମୁକୋଳି ଖାଉଥିବି । ଏଇ ଝରଣାରୁ ପାଣି ପିଉଥିବି । ତୋର ଗୁଣଗାନ କରୁଥିବି ।"

ବଡ଼ ଆଶ୍ଚର୍ଯ୍ୟର କଥା, ସୁନାର ପାଟିରୁ କଥା ସରିବାପାଏ ନାହିଁ—ତା' ଦେହସାରା ସାଲୁହାଲୁ ଲୋମ ସବୁ ଉଠି ହୋଇଗଲା । ହାତରେ ପାଦରେ ମୁନିଆ ମୁନିଆ ନଖ ସବୁ ଗଜୁରିଲା । ଦେଖୁ ଦେଖୁ ସେ ଗୋଟାଏ ଭାଲୁ ପାଲଟିଗଲା । ଏଥର ସେ ମଜାରେ ଜାମୁଗଛ ଉପରକୁ ନଖ ସାହାଯ୍ୟରେ ଚଢ଼ିଗଲା । ମନ ଭରି ଜାମୁକୋଳି ଖାଇଲା ।

ସେଦିନ ଯାଇ ତା ପରଦିନ ସକାଳ ହେଲା । ସୁନାକୁ ନ ଦେଖି ମହାଜନ ହାଲ୍‌ କଡ଼ମଡ଼ କଲା । ସେ ଯଦି ଫେରି ନ ଆସେ ତା' ଦୁଧ ଦହି ବିକି କରି ଯିବ କିଏ ?

ମହାଜନ ସେଉଠୁ ହାତରେ ଖଣ୍ଡିଏ ବେନ୍ତକଣ୍ଟା ଧରି ସୁନାକୁ ଖୋଜିବାକୁ ବାହାରିଲା । ଖୋଜି ଖୋଜି ଯାଇ ପହଞ୍ଚିଲା ସେଇ ଝରଣା କୂଳରେ । ଦେଖିଲା—ସୁନାର ପସରାଟି ଜାମୁଗଛ ମୂଳେ ଥୁଆ ହୋଇଛି । କିନ୍ତୁ ସେଠାରେ ସୁନା ନାହିଁ । ଏଇ ସମୟରେ ଖସ୍‌ଖସ୍‌ ଶବ୍ଦ ଶୁଣି ସେ ଗଛ ଉପରକୁ ଚାହିଁଲା । ଗଛରେ ସୁନା ପରିବର୍ତ୍ତେ ଯାହାକୁ ସେ ଦେଖିଲା ଦେହ ତା'ର ଶୀତେଇ ଉଠିଲା । ସେ ଦେଖିଲା ତା' ମରଣ ଯେମିତି ସେଠି ତାକୁ ରଡ଼ନିଆଁ ଭଳି ଜୋକା କାଢ଼ି ଚାହିଁଛି । ପରମୁହୂର୍ତ୍ତରେ ସେ ଅନୁଭବ କଲା ସେ କଳା ଜନ୍ତୁଟା ତା' ଦେହସାରା ଗୁଡ଼େଇ ହୋଇଯାଇଛି । ମୁନିଆ ମୁନିଆ ନଖରେ ଦେହକୁ ବିଦାରି

Digitized by srujanika@gmail.com

ପକେଇ ଚଅଁ ଚଅଁ କରି ରକ୍ତସବୁ ଘୁଟିବାରେ ଲାଗିଛି । ସେ ତାକୁ ଯେମିତି ଶୋଷିଥିଲା—ରକ୍ତ ଟିକଏ ତଳେ ପଡ଼ି ନ ଥିଲା । ସେମିତି ସେ ଜନ୍ତୁଟା ତାକୁ ଶୋଷି ଚାଲିଛି···

[ଜଲୁଟି ମହାଜନର ରକ୍ତ ଶୋଷୁଛି]

ସେଇଦିନଠୁ ମଣିଷମାନଙ୍କ ଉପରେ ଜଲୁର ରାଗ ରହିଛି । ସୁବିଧା ସୁଯୋଗ ମିଳିଗଲେ ଏଇ ଅଦ୍ଭୁତ ଜୀବଟି ତା'ର କରାମତି ଦେଖାଏ ।

Digitized by srujanika@gmail.com

ଟିପ୍ପଣୀ :

ଇଏ ହେଉଛି ସେଇ ଅଭିଶପ୍ତ ଗୋଷ୍ଠୀର କାହାଣୀ ଯେଉଁମାନେ ସମାଜ ଦ୍ୱାରା ଚିରଦିନ ବହିଷ୍କୃତ ଏବଂ ତିରସ୍କୃତ । ସୁନା ନାମ୍ନୀ ସେଇ ଶଉର ମଇଁଷିଆଳ ସ୍ତ୍ରୀର କଥା ଶୁଣିଲେ ମନେହୁଏ ତା'ଠାରୁ ଯେମିତି ମଣିଷ ଜାତିର ଦୁଃଖ, କ୍ଷୋଭ, ଶୋଷଣ, ଅତ୍ୟାଚାର ଏବଂ ଯନ୍ତ୍ରଣାର ଆରମ୍ଭ ହୋଇଛି । କେବଳ ସୁନା ନୁହେଁ, ସୁନାପରି ଯନ୍ତ୍ରଣାରେ ଉବୁଟୁବୁ ହେଉଥିବା ଅସଂଖ୍ୟ ମଣିଷ ଏ ପୃଥିବୀରେ ଅଛନ୍ତି — କିଏ କେବେ ତାଙ୍କ କଥା ଭାବେ ? ଆମେ ଯେଉଁମାନେ ପାଠ ପଢ଼ିଛୁ, ଚାକିରି କରୁଛୁ, ଦେଶ ଚଳାଉଛୁ ଆମେ କେବଳ ଆମରି ଦୁଃଖସୁଖର କଥା କହୁ । ତାକୁ ସମସ୍ତେ ପଢ଼ନ୍ତି । ସମସ୍ତେ ଜାଣନ୍ତି । କିନ୍ତୁ ଦୁଃଖ ଯନ୍ତ୍ରଣାରେ ବିବଶ ସେଇ ମୂକ ବଧିର ଭୋକିଲା ମଣିଷର ସ୍ୱର ସବୁଦିନେ ଅପହଞ୍ଚ ହୋଇ ରହିଯାଏ ଆମ ପାଖରେ । କିଏ କହିଲେ ମଧ୍ୟ ଆମ ପାଖରେ ସମୟ ନଥାଏ ସେ ସବୁ ଶୁଣିବାକୁ । ତେବେ ଆଜିର ସଭ୍ୟ ଦୁନିଆରେ ସେମାନେ କ'ଣ ସବୁଦିନେ ସେମିତି ପଶୁ ହୋଇ ପଡ଼ିଥିବେ ପାହାଡ଼ ଜଙ୍ଗଲ ତଳେ ? ତାଙ୍କୁ କ'ଣ ନୂଆ ଦୁନିଆର ଆଲୋକ ଟିକିଏ ମିଳିବନି ? ନୂଆ ଯୁଗର ସାଥୀ କରି ତାଙ୍କରି ହାତ ଧରି କିଛି ବାଟ ଆଗେଇ ନେଲେ ଆମରି କ'ଣ କିଛି କ୍ଷତି ହେବ ? ଯେଉଁମାନଙ୍କଠି ମନୁଷ୍ୟତା ଅଛି, ଯେଉଁମାନେ ଅନ୍ୟର ଦୁଃଖକୁ ନିଜର ଦୁଃଖ ବୋଲି ଭାବନ୍ତି; ସେଇମାନଙ୍କୁ ଏ ଆଦିବାସୀ କାହାଣୀଟି ଏଇ ଶିକ୍ଷା ଦିଏ— ନିଜକଥା ଭାବିଲାବେଳେ ନିଜଠୁ ତଳ ପାହାଚର ଯେଉଁମାନେ ଅଛନ୍ତି ତାଙ୍କ କଥା ଟିକିଏ ଭାବ । ସେମାନେ ମଧ୍ୟ ଆମରି ପରି ଭାରତମାତାର ପୁଅଝିଅ । ସମସ୍ତଙ୍କ ସୁଖରେ ନିଜର ସୁଖ··· ସମସ୍ତଙ୍କ ଉନ୍ନତିରେ ନିଜର ଉନ୍ନତି···

Digitized by srujanika@gmail.com

ଖଣ୍ଡାଧାରରୁ ହୀରାଖଣ୍ଡଯାଏ

['ଖଣ୍ଡାପାଟ' କହିଲେ ତୁମେମାନେ କିଛି ବୁଝିପାରିବନାହିଁ । କିନ୍ତୁ ଖଣ୍ଡାଧାର କହିଲେ—ତୁମେ କହିବ ଇଏ ଆମ ରାଇଜର ଗୋଟିଏ ଜଳପ୍ରପାତର ନାଆଁ ।

ସେମିତି 'ହୀରାଖଣ୍ଡ' କହିଲେ ତୁମେ କିଛି ବୁଝିପାରିବନାହିଁ, କିନ୍ତୁ ହୀରାକୁଦ କହିଲେ ତୁମେ କହିବ – ହଁ ଇଏ ହେଉଛି ଆମ ରାଇଜର ସବୁଠୁ ବଡ଼ ଜଳଭଣ୍ଡାର ।

ଖଣ୍ଡାପାଟ ହେଉଛି ଭୂୟାଁମାନେ ପୂଜା କରୁଥିବା ଏକ ଦେବତାର ନାଆଁ । ତାଙ୍କ ଅଞ୍ଚଳରେ ଦେବତାଙ୍କ ନାମ ସାଥିରେ ପାଟ ଶବ୍ଦଟିଏ ଲାଗେ । ସେ ଦେବତା କହିଲେ—ଖଣ୍ଡିଏ ଖଣ୍ଡା । ଢାକଡଳା ଗାଆଁରେ କାହିଁ କେତେ କାଳରୁ ସେ ଦେବତା ପୂଜା ପାଇ ଆସୁଛନ୍ତି । ତାଙ୍କ ନାମ ଅନୁସାରେ ସେଠାରେ ଥିବା ପର୍ବତର ନାମ — ଖଣ୍ଡାଧାର । ଯେଉଁ ଝରଣାଟି ସେ ପର୍ବତ ଉପରୁ ଲମ୍ଫଦେଇ ଏକ ବିରାଟ ଜଳପ୍ରପାତ ସୃଷ୍ଟି କରିଛି—ସେ ଝରଣାଟିର ନାଆଁ ମଧ୍ୟ ଖଣ୍ଡାଧାର । ଆଜି ସେ ଜଳପ୍ରପାତର ନାଆଁଟି ମଧ୍ୟ ସେଇ ଅନୁଯାୟୀ— ଖଣ୍ଡାଧାର । 'ଖଣ୍ଡାଧାର' ଏକ ସୁନ୍ଦର ଜଳପ୍ରପାତ । ତାକୁ ଦେଖିଲେ ଦର୍ଶକ ଭୋକଶୋଷ ପାସୋରି ପକାଏ । ଥରେ ଦେଖିଲେ ମନ ଶହେଥର ଧାଏଁ ଦେଖିବାକୁ । କାହିଁକି ସେ ପର୍ବତ ଝରଣା ଏବଂ ଜଳପ୍ରପାତର ନାମ ଖଣ୍ଡାଧାର ହେଲା ସେ ସମ୍ପର୍କରେ ଭୂୟାଁମାନଙ୍କ ଭାଷାରେ ଏକ ଲୋକକଥା ବା କିମ୍ବଦନ୍ତୀ ଅଛି । ଖୁବ୍ ବଢ଼ିଆ କାହାଣୀଟି ସିଏ । ଶୁଣିବ କି ?]

Digitized by srujanika@gmail.com

ଅନେକଦିନ ତଳର କଥା । ଗାଆଁଟିର ନାଆଁ କାକଦନା । ସେ ଗାଆଁରୁ ଏବଂ ତା'ର ଆଖପାଖ ପାଞ୍ଚଖଣ୍ଡ ଗାଆଁରୁ ଥରେ ପଞ୍ଚାଏ ଲୋକ ବେପାରବଣିଜ କରିବାକୁ 'ହୀରାଖଣ୍ଡ' (ଅଧୁନା ସମ୍ବଲପୁର)

[ଝାଡ଼ଜଙ୍ଗଲ ରାସ୍ତାରେ ବେପାରୀମାନେ]

ମୁଲକକୁ ବାହାରିଲେ । ହୀରାଖଣ୍ଡ ମୁଲକର ଶାଢ଼ି ପାଟ ସଂସାର ପ୍ରସିଦ୍ଧ । ଟଙ୍କାଦେଇ ସେଠୁ ମହାଜନଠୁଁ ଶାଢ଼ି କିଣିବେ । ନିଜ ଦେଶରେ

Digitized by srujanika@gmail.com

ଆଣି ବେପାରବଣିଜ କରି ଢ଼’ ପଇସା ଲାଭ ପାଇବେ । ମୁଣ୍ଡରେ ଠେକା । ପିଠିରେ ଚୂଡ଼ା ଗୁଡ଼ଳର ଗଣ୍ଠିଲି । ଅଣ୍ଟାରେ ଗୋଟେ ଲେଖାଁ ଟଙ୍କା । ସେମାନେ ଝାଡ଼ଜଙ୍ଗଲ ବାଟ ଦେଇ ଚାଲିଥାନ୍ତି ।

ଏମିତି ଯାଉ ଯାଉ ଗୋଟିଏ ସ୍ଥାନରେ ସେମାନେ ଦେଖିଲେ ସେ ସ୍ଥାନଟା ଜଙ୍ଗଲର ଅନ୍ୟ ସ୍ଥାନ ଅପେକ୍ଷା ଖୁବ୍ ରମଣୀୟ ହୋଇଛି । ସେ ସ୍ଥାନକୁ ଦେଖିବାମାତ୍ରେ ତାଙ୍କ ମନରେ ଏଇ ଧାରଣା ହେଲା, ସତେ ଯେପରି ସେଠାରେ ସତ୍ୟ, ଶାନ୍ତି ଏବଂ ଧର୍ମ ଏକାସଙ୍ଗରେ ବାସ କରୁଛନ୍ତି । କି’ଣ ଏ ଘଟଣା ସେକଥା ବୁଝିବା ପୂର୍ବରୁ ସମସ୍ତଙ୍କର ଆଖି ବାଟରେ ପଡ଼ିଥିବା ଗୋଟିଏ ଖଣ୍ଡା ଉପରେ ଅଟକିଗଲା । ଖଣ୍ଡାଟା ବୋଧହୁଏ କେଉଁ ଯୁଗରୁ ସେଠି ପଡ଼ିଛି । ତାଙ୍କ ଭିତରୁ ଜଣେ ବେପାରୀ ସେଇଟାକୁ ଉଠାଇ ଆଣିଲା ଏବଂ ଧାର ପରୀକ୍ଷା କରିବାରେ ଲାଗିଲା । ଅନ୍ୟ ବେପାରୀଙ୍କୁ କହିଲା—“ମୁଁ ଭାବିଥିଲି ଖଣ୍ଡାଟାରେ କଳଙ୍କି ଲାଗି ଯାଇଥିବ; କିନ୍ତୁ ଏବେ ଦେଖୁଛି ଏଥିରେ ତୀକ୍ଷ୍ଣ ଧାର ଅଛି । ଏଇଟାକୁ ଆମେ ସାଙ୍ଗରେ ନେବା । ବାଟରେ ଏଇଟା ଆମର କାମରେ ଆସିବ ।”

ତା’ ପାଟିରୁ ଏକଥା ସରିଛି କି ନାହିଁ—ସଙ୍ଗେ ସଙ୍ଗେ ତା’ ହାତରେ ଥାଇ ଖଣ୍ଡାଟା ଠୋ ଠୋ ମାରି ହସିବାକୁ ଲାଗିଲା···

ଖଣ୍ଡାଟା ମଣିଷଙ୍କ ପରି ହସୁଛି—କି ଆଶ୍ଚର୍ଯ୍ୟର କଥା । ବେପାରୀଟା ମନରେ ଭୟ ପାଇ ଯେଉଁଠୁ ତାକୁ ଉଠାଇଥିଲା ସେଇଠି ତାକୁ ଚୁପ୍‌ଚାପ ଥୋଇଦେଲା ।

ଏଥର ଖଣ୍ଡା ଭିତରୁ ମଣିଷର ସ୍ୱରପରି ଗୋଟାଏ ସ୍ୱର ଭାସିଆସିଲା । ସେ ପ୍ରଶ୍ନକଲା—“ମୋର ହସ ଦେଖି ମନରେ ଭୟ ପାଇଲ କି ?”

Digitized by srujanika@gmail.com

ସମବେତ ବେପାରୀ ଉତ୍ତରେ ଥରଥର ଏକା ସଙ୍ଗରେ କହି-ଉଠିଲେ—"ହଁ, ଖଣ୍ଡା ମହାରାଜ ।"

[ଖଣ୍ଡାଭିତରୁ ମଣିଷର ସ୍ୱର]

ତା'ପରେ ଖଣ୍ଡା କହିଲା—"ନା-ନା, ଏବେ ଆଉ ଭୟ କରିବାର କିଛି ନାହିଁ । ଆଚ୍ଛା, ସେ କଥା ପରେ । ଏଥର କାନପାରି ଶୁଣ ତ, କ'ଣ କିଛି ଶୁଣିପାରୁଛ ?"

Digitized by srujanika@gmail.com

ଆଣି ବେପାରବଣିଜ କରି ଦୁ’ ପଇସା ଲଭ ପାଇବେ । ମୁଣ୍ଡରେ ଫେଟା । ପିଠିରେ ଚୂଡ଼ା ଗୁଡ଼ଳର ଗଣ୍ଠିଲି । ଅଣ୍ଟାରେ ଗୋଟେ ଲେଖାଁ ଟଙ୍କା । ସେମାନେ ଝାଡ଼ଜଙ୍ଗଲ ବାଟ ଦେଇ ଚାଲିଥାନ୍ତି ।

ଏମିତି ଯାଉ ଯାଉ ଗୋଟିଏ ସ୍ଥାନରେ ସେମାନେ ଦେଖିଲେ ସେ ସ୍ଥାନଟା ଜଙ୍ଗଲର ଅନ୍ୟ ସ୍ଥାନ ଅପେକ୍ଷା ଖୁବ୍ ରମଣୀୟ ହୋଇଛି । ସେ ସ୍ଥାନକୁ ଦେଖିବାମାତ୍ରେ ତାଙ୍କ ମନରେ ଏଇ ଧାରଣା ହେଲା, ସତେ ଯେପରି ସେଠାରେ ସତ୍ୟ, ଶାନ୍ତି ଏବଂ ଧର୍ମ ଏକାସଙ୍ଗରେ ବାସ କରୁଛନ୍ତି । କ’ଣ ଏ ଘଟଣା ସେକଥା ବୁଝିବା ପୂର୍ବରୁ ସମସ୍ତଙ୍କର ଆଖି ବାଟରେ ପଡ଼ିଥିବା ଗୋଟିଏ ଖଣ୍ଡା ଉପରେ ଅଟକିଗଲା । ଖଣ୍ଡାଟା ବୋଧହୁଏ କେଉଁ ଯୁଗରୁ ସେଠି ପଡ଼ିଛି । ତାଙ୍କ ଭିତରୁ ଜଣେ ବେପାରୀ ସେଇଟାକୁ ଉଠାଇ ଆଣିଲା ଏବଂ ଧାର ପରୀକ୍ଷା କରିବାରେ ଲାଗିଲା । ଅନ୍ୟ ବେପାରୀଙ୍କୁ କହିଲା—“ମୁଁ ଭାବିଥିଲି ଖଣ୍ଡାଟାରେ କଳଙ୍କି ଲାଗି ଯାଇଥିବ; କିନ୍ତୁ ଏବେ ଦେଖୁଛି ଏଥିରେ ତୀକ୍ଷ୍ଣ ଧାର ଅଛି । ଏଇଟାକୁ ଆମେ ସାଙ୍ଗରେ ନେବା । ବାଟରେ ଏଇଟା ଆମର କାମରେ ଆସିବ ।”

ତା’ ପାଟିରୁ ଏକଥା ସରିଛି କି ନାହିଁ—ସଙ୍ଗେ ସଙ୍ଗେ ତା’ ହାତରେ ଥାଇ ଖଣ୍ଡାଟା ଠୋ ଠୋ ମାରି ହସିବାକୁ ଲାଗିଲା···

ଖଣ୍ଡାଟା ମଣିଷଙ୍କ ପରି ହସୁଛି—କି ଆଶ୍ଚର୍ଯ୍ୟର କଥା । ବେପାରୀଟା ମନରେ ଭୟପାଇ ଯେଉଁଠୁ ତାକୁ ଉଠାଇଥିଲା ସେଇଠି ତାକୁ ଚୁପ୍‌ଚାପ୍ ଥୋଇଦେଲା ।

ଏଥର ଖଣ୍ଡା ଭିତରୁ ମଣିଷର ସ୍ୱରପରି ଗୋଟାଏ ସ୍ୱର ଭାସିଆସିଲା । ସେ ପ୍ରଶ୍ନକଲା—“ମୋର ହସ ଦେଖି ମନରେ ଭୟ ପାଇଲ କି ?”

Digitized by srujanika@gmail.com

ସମବେତ ବେପାଶ୍ମ ଉପ୍ୟରେ ଥରଥର ଏକା ସଙ୍ଗରେ କହ୍ୱି-ଉଠିଲେ—"ହିଁ, ଝଣ୍ଡା ମହାରାଜ।"

[ଖଣ୍ଡାଭିତରୁ ମଣିଷର ସ୍ୱର]

ତା'ପରେ ଝଣ୍ଡା କହିଲା—"ନା-ନା, ଏଂବେ ଆଉ ଭୟ କରିବାର କିଛି ନାହିଁ। ଆଚ୍ଛା, ସେ କଥା ପରେ। ଏଥର କାନପାରି ଶୁଣ ତ, କ'ଣ କିଛି ଶୁଣିପାରୁଛ ?"

Digitized by srujanika@gmail.com

ବେପାରୀମାନେ ମୁଣ୍ଡ ହଲାଇ କହିଲେ—"କାହିଁ ନା ତ ।"

ଖଣ୍ଡା କହିଲା - "ଭଲକ କାନପାର ।"

ବେପାରୀମାନେ କାନପାରିଲେ । ସେମାନଙ୍କୁ ଚତୁର୍ଦ୍ଦିଗରୁ ଶୁଣାଗଲା—'ମାର', 'ହାଣ', 'କାଟ', 'ମୁଣ୍ଡରୁ ଗଣ୍ଡି ଅଲଗା କରିଦିଅ' । ତା'ପରେ ଟହ ଟହ ହସ । ଘୋଡ଼ାମାନଙ୍କର ହ୍ରେଷାରବ । ନାରୀ ଏବଂ ଶିଶୁ କଣ୍ଠର ଆକୁଳ କ୍ରନ୍ଦନ । ଭୀଷଣ କୋଳାହଳ । ଆଃ କ ଭୟଙ୍କର ସେ ଧ୍ୱନି ! ସେମାନେ ଯେମିତି କୌଣସି ଯୁଦ୍ଧଭୂମିରେ ଅବତୀର୍ଣ୍ଣ ହୋଇ ସେ କଥା ଶୁଣୁଛନ୍ତି । ସେମିତି ଲାଗିଲା ତାଙ୍କୁ ।

ଖଣ୍ଡା କହିଲା—"କଛୁ ବୁଝିପାରୁଛ ?"

ବେପାରୀମାନେ କହିଲେ—"ନା" ।

ଖଣ୍ଡା କହିଲା—"ଯେଉଁଠି ଦିନେ ମଣିଷ ହୃଦୟରେ ସ୍ନେହ ମମତାର ମନ୍ଦାକିନୀ ପ୍ରବାହିତ ହେଉଥିଲା –ମଣିଷ ଲାଗି ମଣିଷ ମନରେ ମମତା ଥିଲା --ଆଶା, ବିଶ୍ୱାସ, ଉତ୍ସାହ ଏବଂ ମିଳନାନନ୍ଦ ଅନୁଭୂତ ହେଉଥିଲା, ଏ ଧ୍ୱନି କହୁଛି ସେଠି ଏବେ ରକ୍ତନଦୀ ପ୍ରବାହିତ ହେଉଛି । ଶସ୍ୟଶ୍ୟାମଳା ଧରିତ୍ରୀ ଶ୍ମଶାନରେ ପରିଣତ ହୋଇଛି । ମଣିଷ ହିଂସା ଏବଂ କ୍ରୋଧର ବଶବର୍ତ୍ତୀ ହୋଇ ଯୁଦ୍ଧରେ ମାତି ସବୁଠୁଁ ବେଶି କ୍ଷତି କରୁଛି ତା' ନିଜର । ତା' ହାତରେ ଅଛି ମୋର ଭଳି ମାରଣାସ୍ତ୍ର—ସେଥିପାଇଁ ସେ କାହାକୁ ମାନୁନି । ତା'ଭିତରେ ରାଜୁତି କରୁଛି ସଇତାନ । ସେଥିପାଇଁ ସେ ନିଜର ଘର ପ୍ରାନ୍ତରେ ମଧ୍ୟ ଛୁରୀ ବସାଇ ଦେଉଛି । ଭାବିଲ ଥରେ ମଣିଷର ଏପ୍ରକାର କୁତ୍ସିତ ଜୀବନ ଏବଂ ପଶୁ ଜୀବନ ମଧ୍ୟରେ କ ତଫାତ୍ ଅଛି ?"

ବେପାରୀଟିଏ ହାତଯୋଡ଼ି କହିଲା—"ତାହା ତ ଆମେ ବୁଝୁଛୁ ମହାରାଜ, ହେଲେ ଆପଣ ଆମକୁ ସେ କଥା କାହିଁକି ଶୁଣାଉଛନ୍ତି । ସେସବୁ ତ ବହୁଦିନ ତଳର କଥା ।

Digitized by srujanika@gmail.com

ଏଥର ଖଣ୍ଡାଟି ପୁଣି ହୋ' ହୋ' ହୋଇ ହସିଲା । କହିଲା—"ଯେଇଠି ତ ରହିଛି ଅସଲ କଥା । ତୁମେମାନେ ମୋତେ ଭୁଇଁରୁ କ'ଣ ପାଇଁ ଗୋଟେଇ ନେଇଥିଲ ? କାଳେ ବାଟରେ କେହି ତୁମଠାରୁ ଟଙ୍କା ପଇସା ଛଡ଼େଇ ନେବ, ଦରକାର ବେଳେ ମୁଁ କାମରେ ଆସିବ, ଏଥିପାଇଁ ତ ? —ସତ କି ନାହିଁ ?"

ବେପାରୀ କହିଲେ—"ହଁ ମହାରାଜ, ସେଇକଥା ।"

ଖଣ୍ଡା କହିଲା—"ତୁମେ ଠିକ୍ ତୁମର ସେଇ ପୂର୍ବପୁରୁଷମାନଙ୍କ ପରି ଭୁଲ୍ କରିବାକୁ ଯାଉଥିଲ । ମଣିଷ ହୋଇ ମଣିଷ ଉପରେ ବିଶ୍ୱାସ ରଖ । ଗୋଟିଏ କଥା ମନେରଖ, ତୁମ ହୃଦୟରେ ଯେବେ ପ୍ରେମ ଅଛି—ତୁମକୁ ହିଂସ୍ରପଶୁ ମଧ୍ୟ ବାଟ ଛାଡ଼ିଦେବ । ସେ ପ୍ରେମ ବଳରେ ତୁମେ ଚୋର ତସ୍କର କ'ଣ ସାରା ପୃଥିବୀକୁ ମଧ୍ୟ ଜୟ କରି ପାରିବ । ସେଭଳି ସଫଳ ଅସ୍ତ୍ର ତୁମ ପାଖରେ ଥାଉଁ ଥାଉଁ ତୁମେ ପୁଣି ଗୋଟାଏ କଳଙ୍କିଲଗା ଅସ୍ତ୍ରକୁ ସାଥିରେ ବୋହିବାକୁ ଯାଉଥିଲ କାହିଁକି ? ଦୁନିଆରେ ତ ଅନେକ ରକ୍ତପାତ, ଦଙ୍ଗା, ଲୋକକ୍ଷୟ ହୋଇଯାଇଛି - କ'ଣ ଆଉ ବାକିଅଛି ବୋଲି ତୁମେମାନେ ଏ ଦୁଃସାହସ କରୁଥିଲ ? ଯେଉଁମାନେ ପୂର୍ବରୁ ଯୁଦ୍ଧ କରି ଏ ମଣିଷ ଜାତିର ଅଶେଷ କ୍ଷତି ସାଧନ କରି ଯାଇଛନ୍ତି ସେମାନେ କ'ଣ ପାଇଛନ୍ତି ତାଙ୍କ ଜୀବନରେ ? ଆନନ୍ଦ କି ସନ୍ତୋଷ କ'ଣ ମିଳିଛି ତାଙ୍କୁ ? ମନ୍ଦଅଭ୍ୟାସର ବଳ ମଣିଷର ବଳଠାରୁ ବେଶି । କେମିତି ପୁଣି ତୁମେ ସେ ଅଭ୍ୟାସକୁ ସାଇତି ରଖିଛ ତୁମ ଛାତିରେ ?"

—"ବୁଝିଗଲୁ ମହାରାଜ ! ଆମର ଭୁଲ ହୋଇଯାଇଛି । ଆଉ ଜୀବନରେ କେବେହେଲେ ବି ସେ ଭୁଲ ଆମେ କରିବୁନି ।" ସବୁ ବେପାରୀ ଏକ ସ୍ୱରରେ କହିଲେ ।

ଖଣ୍ଡା କହିଲା—"ଠିକ୍ ଅଛି, ତୁମେମାନେ ଏଥର ନିଜ ବାଟରେ ଯାଅ । ତୁମ ପାଖରେ ଯେଉଁ ଗୋଟିଏ ଗୋଟିଏ ଟଙ୍କା ଅଛି, କେହି ତାକୁ

Digitized by srujanika@gmail.com

ତୁମଠୁଁ ଛଡ଼େଇ ନେବେନ । ଝାଡ଼ଖଣ୍ଡ ମୁଲକରେ ତୁମେ ନିରାପଦରେ ପହଞ୍ଚିବ । ସେଇ ଗୋଟିଏ ଲେଖାଁ ଟଙ୍କାରେ ତୁମେ ତୁମର ମନମୁତାବକ ସଉଦା କରିବ । ଫେରିଲାବେଳକୁ ଅଣ୍ଡା ଅଣ୍ଡାଳ ଦେଖିବ– ତୁମର ଟଙ୍କାଟି ତୁମ ପାଖରେ ସେମିତି ଥିବ । ହଁ ଆଉ ଗୋଟିଏ କଥା ମୋର ମନେରଖିବ— ତୁମେ ଲୁଗାନେଇ ଫେରିଲାବେଳେ ଠିକ୍ ଏଇବାଟେ ଯେମିତି ଆସ । ମୁଁ ତୁମର ବାଟ ଚାହିଁ ରହିବି । ତୁମେ ଫେରିଲାବେଳେ ମୋତେ ତୁମ ସାଙ୍ଗରେ ନେଇଯିବ । ପ୍ରତିବର୍ଷ ଗାଆଁକୁ ଗାଆଁ ପାଳିକରି ମୋତେ ପୂଜା କରିବ । ଭୁଲିବ ନାହିଁ ।”

ବେପାରୀମାନେ ସେ କଥାରେ ସମ୍ମତ ହେଲେ । କହିଲେ— “ଆମେ ତୁମର ଆଦେଶ ଅକ୍ଷରେ ଅକ୍ଷରେ ପାଳନ କରିବୁ ।”

ଖଣ୍ଡା କହିଲା— “ଆଉ ଏକଥା ମୋର ଯେମିତି ସବୁବେଳେ ମନେରହେ— ମଣିଷ ମଣିଷ ଭିତରେ ଅସ୍ତ୍ରଶସ୍ତ୍ର ଧରି ଯୁଦ୍ଧ କରିବାର ବେଳ ଅନେକ ଦିନରୁ ବିତିଯାଇଛି । ଏବେ ଆସିଛି ପରସ୍ପର ସହଯୋଗ କରି ଶାନ୍ତିରେ ରହିବାର ସମୟ । ପରସ୍ପର ପରସ୍ପରକୁ ଚାହିଁଦେଇ ଆଲୋକ ଦେଖେଇ ହସଖୁସିରେ ରହିବାର ବେଳା । ମଣିଷର ଏ ସରସ ସୁନ୍ଦର ଜୀବନକୁ ତୁମେ ଯେମିତି କେବେ ଆଉ ରକ୍ତାକ୍ତ ନକର, କଦର୍ଯ୍ୟ ନକର ।

ଖଣ୍ଡାଠାରୁ ସବୁକଥା ଶୁଣି ବେପାରୀମାନେ ଏଥର ଆଗକୁ ବଢ଼ିଲେ । ସତକୁସତ ଯେତେ ଲୁଗା କିଣିଲେ ମଧ୍ୟ ଟଙ୍କା ତାଙ୍କର ସରିଲା ନାହିଁ । ଫେରିଲାବେଳକୁ ଦେଖିଲେ— ପ୍ରତ୍ୟେକଙ୍କର ଖୋସଣିରେ ସେମିତି ଗୋଟିଏ ଲେଖାଁ ଟଙ୍କା ରହିଛି । ସେମାନଙ୍କ ମନରେ ବିଶ୍ୱାସ ଆସିଲା । କଳିକାଳରେ ଏ ଖଣ୍ଡା ଠାକୁର ପ୍ରତ୍ୟକ୍ଷ ଦେବତା । ସେ ଯାହା କହିଥିଲେ ତାଙ୍କ କଥା ଅକ୍ଷରେ ଅକ୍ଷରେ ସତ ହୋଇଛି ।

ସେମାନେ ବିଚାର କଲେ— “ଅନେକ ମଣିଷର ରକ୍ତ ପିଇଲାପରେ ଖଣ୍ଡା ମହାପ୍ରଭୁ ଏବେ ବିଶ୍ରାମ ନେଉଛନ୍ତି । ଏ ଦୁନିଆ ଉପରକୁ ଯୁଦ୍ଧର ଘନଘଟା ଆଉ ମାଡ଼ି ନଆସୁ— କୌଣସି ଶିଶୁ-କଳିକା ଫୁଟିବା ଆଗରୁ

Digitized by srujanika@gmail.com

ଆଉ ଲହୁଲୁହାଣ ନ ହେଉ । ପୃଥିବୀ ଆକାଶରେ ବିଷ୍ଣୁ ସଞ୍ଚାର ନ ଉଡ଼ି ଶାନ୍ତିର କପୋତ ଉଡ଼ୁ, ସମସ୍ତେ ସୁଖରେ ରୁହନ୍ତୁ—ଶାନ୍ତିରେ ରୁହନ୍ତୁ— ନିଜେ ବଞ୍ଚନ୍ତୁ, ଅନ୍ୟକୁ ବଞ୍ଚିରହିବାକୁ ଦିଅନ୍ତୁ ଏହାହିଁ ତାଙ୍କର ଶେଷ ଇଚ୍ଛା । ତାଙ୍କର ସେ ଇଚ୍ଛାକୁ ଆମକୁ ପୂରଣ କରିବାକୁ ହେବ । ତାଙ୍କୁ ନେଇ ଆମେ ସହନ୍ଦରେ ଥାପନା କରିବା ପୂଜା ବେଦୀରେ !” ଏମିତି ଚରିତ୍ରର ବେପାରୀମାନେ ଫେରିଲାବେଳେ ଖଣ୍ଡାକୁ ନେଇ ଗାଆଁକୁ ଆସିଲେ । କାକଟପୁର ଗାଆଁରେ ତାଙ୍କଲାଗି ନିର୍ମିତ ହେଲା ଆସ୍ଥାନ । ଚାଲିଲା ପୂଜା, ସେଇଦିନଠୁଁ ଭକ୍ତମାନେ ପାଳି କରି ତାଙ୍କୁ ପୂଜାକରି ଆସୁଛନ୍ତି ।

ଖଣ୍ଡାପାଟ ମହାପ୍ରଭୁଙ୍କ ଆଜ୍ଞାରେ ଶାନ୍ତିର ବାର୍ତ୍ତା ପ୍ରଚାର କରି ସେଠାରେ ଥିବା ପର୍ବତ ଉପରୁ ଝରଣାଟିଏ କୁଦି ପଡ଼ୁଛି ତଳକୁ । ସୃଷ୍ଟି ହୋଇଛି ସୁନ୍ଦର ଜଳପ୍ରପାତଟିଏ । ମଣିଷ ଜାତିର କ୍ଷୁଧା, ତୃଷା, ଦୁଃଖ, ଶୋକ ଦୂର କରିବାରେ ଯେ ସାହାଯ୍ୟ କରୁଛି । ଏବେବି ନିର୍ଜନ ରାତିରେ ଯେ ଖଣ୍ଡାଧାର ଜଳପ୍ରପାତ କୂଳରେ ବସିଲେ ସେଇ ମିଳ ଛଳଛଳ ଜଳରାଶି ମଧ୍ୟରୁ ଗୋଟିଏ ଗମ୍ଭୀର ସ୍ୱର ଭାସିଆସେ— “ମଣିଷ ମଣିଷ ଭିତରେ ଖଣ୍ଡାଧରି ଯୁଦ୍ଧ କରିବାର ବେଳ ଅନେକ ଦିନରୁ ଚାଲିଯାଇଛି । ଏବେ ଆସିଛି ପରସ୍ପର ସହଯୋଗ କରି ସୁଖ ଶାନ୍ତିରେ ରହିବାର ସମୟ । ନିହାତି ଯଦି ତୁମର ଲଢ଼ିବା ପାଇଁ ଇଚ୍ଛା— ତା’ହେଲେ ମଣିଷ ଜାତିର ଶତ୍ରୁ ହୋଇ ରହିଥିବା ଅଜ୍ଞାନ, ଅଜ୍ଞତା, ଅଭାବ, ଦାରିଦ୍ର୍ୟ, ରୋଗ, ଶୋକ ଏମାନଙ୍କ ସାଥିରେ ଲଢ଼ । ସେସବୁ ଏ ପୃଥିବୀରୁ ଚିରକାଳକୁ ଲୋପ ପାଉ ।”

‘ସରଳ ଜୀବନ’ ‘ଉଚ୍ଚ ଚିନ୍ତା’ ଏବଂ ‘ବିଶ୍ୱ ଶାନ୍ତି’ ଏହାହିଁ ହେଉ ତୁମ ଜୀବନର ମୁଖ୍ୟ ନୀତି—ମୁଖ୍ୟ ଲକ୍ଷ୍ୟ ।

ଟିପ୍ପଣୀ :

ମଣିଷମନରେ ଯେଉଁ ଯୁଦ୍ଧ ପିପାସା ତା’ର ଅନ୍ତନାହିଁ । ପୁରାତନ ପ୍ରସ୍ତର ଯୁଗରେ ଗୋଟିଏ ଦଳ ଅନ୍ୟ ଦଳ ସାଥିରେ ଯୁଦ୍ଧ କରୁଥିଲେ । ତା’ପରେ ଯୁଦ୍ଧ ଲାଗିଲା ଭାଇ ଭାଇ ମଧ୍ୟରେ । ରାଜ୍ୟ ରାଜ୍ୟ ମଧ୍ୟରେ ।

Digitized by srujanika@gmail.com

ଏ ଯୁଦ୍ଧ ଧନପାଇଁ, କ୍ଷମତା ପାଇଁ, ସାମ୍ରାଜ୍ୟ ବିସ୍ତାର ପାଇଁ, ଉପନିବେଶ ପ୍ରତିଷ୍ଠା ପାଇଁ । ପୃଥିବୀରେ ଏମିତି କେତେ କେତେ ଗୃହଯୁଦ୍ଧ, ଅନ୍ତର୍ଯୁଦ୍ଧ ସଂଘଟିତ ହୋଇଯାଇଛି । ଏଥିମଧ୍ୟରେ ଦୁଇ ଦୁଇଟି ମହା ଯୁଦ୍ଧର ମଧ୍ୟ ପରିସମାପ୍ତି ଘଟିଛି ।

ନାଗାସାକି, ହିରୋସୀମା ଉପରେ ପରମାଣୁବୋମା ପଡ଼ିଲା । ତାହା ଫଳରେ କେତେ ଲୋକ ମଲେ, କେତେ ପିଲା ମଲେ ସେ କଥା କାହାରିକୁ ଅଜଣା ନାହିଁ । ତେବେ ବି ମଧ୍ୟ ଆଜି ମଣିଷର ଯୁଦ୍ଧ ପିପାସା ମେଣ୍ଟିନି । ପୁଣି ଚାଲିଛି ଯୁଦ୍ଧ ପାଇଁ ସଜବାଜ । ପୃଥିବୀରେ କେତେ ଦେଶ ଏମିତି ଅଛନ୍ତି ମଣିଷର ସୁଖ ଶାନ୍ତି ପାଇଁ ଥିବା ଟଙ୍କା ସୁନାକୁ ଖର୍ଚ୍ଚ କରି ସେମାନେ ଯୁଦ୍ଧ ଅସ୍ତ୍ରଶସ୍ତ୍ର ବଢ଼ାଇବାରେ ଲାଗିଛନ୍ତି । ସୈନ୍ୟ ବଢ଼ାଇବାରେ ଲାଗିଛନ୍ତି ।

ଆଜି ପରମାଣୁ ଯୁଦ୍ଧର ଅଟଡ଼ା ଉପରେ ବସିଛି ଏ ପୃଥିବୀ । କେତେବେଳେ କ'ଣ ଘଟିବ ତାହା ଠିକ୍ ଭାବେ କହିହେଉ ନାହିଁ । ସମସ୍ତଙ୍କ ମନକୁ ସନ୍ତ୍ରସ୍ତ କରି ରଖିଛି ଯୁଦ୍ଧର ଭୟ…

ଏ ବେଳରେ ଏ ଆଦିବାସୀ ଲୋକକଥାଟିର ଯେଉଁ ସ୍ୱର ତାହା ସମସ୍ତଙ୍କୁ ଶୁଭଲପରି ନ ହେଲେ ମଧ୍ୟ ଯଦି ସମସ୍ତଙ୍କ କାନ ନିକଟରେ ଯାଇ ପହଞ୍ଚନ୍ତା ତେବେ ଏ ବିଶ୍ୱର ନିଶ୍ଚୟ ମଙ୍ଗଳ ହୁଅନ୍ତା । ଏ ସ୍ୱର ତାଙ୍କର ଯୁଦ୍ଧ ବିରୁଦ୍ଧରେ—ଶାନ୍ତି ପାଇଁ । ଦେଶର ସଂହତି ଏବଂ ଅଖଣ୍ଡତା ରକ୍ଷା ପାଇଁ । ଧର୍ମକୁ ନେଇ ଯେଉଁ ସାମ୍ପ୍ରଦାୟିକ ଦଙ୍ଗା ମୁଣ୍ଡ ଟେକୁଛି ତା ପାଇଁ । ସର୍ବୋପରି ବିଶ୍ୱଶାନ୍ତି ପାଇଁ ।

□□□

Digitized by srujanika@gmail.com